# ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ସବୁ ଘରକୁ ପାନୀୟ ଜଳ

**ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଆଲୋଚନା**

- ୫୦,୨୬୩ କୋଟି ବ୍ୟୟ ବରାଦ
- ଚାଷୀଙ୍କ ଆୟ ବଢ଼ାଇବା ଦିଗରେ ଗୁରୁତ୍ୱ
- ରାଜ୍ୟବାସୀଙ୍କ ସହଯୋଗରେ କରୋନା ମୁକାବିଲା ସଫଳ ହୋଇଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ଆସନ୍ତା ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ସମସ୍ତ ପରିବାରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୫୦,୨୬୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ପୁରୀ ହେଉଛି ପ୍ରଥମ ସହର ଯେଉଁଠି ସମସ୍ତ ପରିବାରକୁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନରେ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଖୋଲା କେନାଲ ବଦଳରେ ଗଭୀର ନଳକୂପ ଓ ପାର୍ବତୀଗିରି ମେଗା ଉଠା ଜଳସେଚନ ଜରିଆରେ ଚାଷଜମିକୁ ପାଇପ ଜରିଆରେ ଜଳସେଚନ କରିବାକୁ ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ଜମି ଅଧିଗ୍ରହଣ ଆବଶ୍ୟକତା ନ ଥିବା ବେଳେ ଅଯଥା ଜଳ ଅପଚୟକୁ ମଧ୍ୟ ରୋକାଯାଇ ପାରିବ। ଚାଷୀମାନଙ୍କର ଆୟ ବଢ଼ାଇବା ସହ ମଧ୍ୟସ୍ଥ ବ୍ୟବସ୍ଥା ଉଚ୍ଛେଦ କରିବାକୁ ପ୍ରଥମେ ଓଡ଼ିଶା ଏଗ୍ରି କନ୍‌କ୍ଲେଭ କରାଯାଇଛି। ଚାଷୀଙ୍କ ଆୟ ବଢ଼ାଇବା ପାଇଁ ଦୀର୍ଘମିଆଦି କୃଷି ଉପରେ ଫୋକସ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ସୋମବାର ବିଧାନସଭାରେ ନିଜର ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଖାଦ୍ୟ ସୁରକ୍ଷା ମିଶନରେ ଓଡ଼ିଶା ବୃହତ୍ ରାଜ୍ୟଗୁଡ଼ିକ ମଧ୍ୟରେ ୪ର୍ଥ ସ୍ଥାନରେ ରହିଛି। କୋଭିଡ୍ ମହାମାରୀ ପ୍ରଥମ ପର୍ଯ୍ୟାୟରେ ୧ ହଜାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୧ ହଜାର ଟଙ୍କା ଲେଖାଏ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ସ୍କିମ୍ ଅଧୀନରେ ଥିବା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏ ବାବଦରେ ୯୬୦ କୋଟି ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଜୁ ପକ୍କାଘର ଯୋଜନାରେ ୨୦୧୪ରୁ ଦିଆଯାଇଥିବା ପକ୍କାଘର ମରାମତି ପାଇଁ ୩ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି। ଏ ବାବଦରେ ୩ ଲକ୍ଷ ପରିବାରକୁ ୧,୪୪୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଯେଉଁମାନେ ପକ୍କାଘର ପାଇବାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ୫ ହଜାର ଟଙ୍କା ଦେବାକୁ ବ୍ୟବସ୍ଥା କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମିଶନ ଶକ୍ତି ଜରିଆରେ ରାଜ୍ୟର ୭୦ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ସେମାନଙ୍କର ସାମାଜିକ, ଆର୍ଥିକ ଏବଂ ରାଜନୈତିକ ଉତ୍ଥାନ କରାଯାଇ ଆସୁଛି। ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ସରକାରୀ ସ୍କୁଲରେ ପଢ଼ୁଥିବା ପିଲାଙ୍କ ଲାଗି ୧୫% ସିଟ୍ ସଂରକ୍ଷଣ କରିବା ସହ ପ୍ରଥମ ପର୍ଯ୍ୟାୟରେ ୧୦୭୬ ହାଇସ୍କୁଲକୁ ରୂପାନ୍ତରୀକରଣ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୩,୩୬୫ ଅଧିକ ହାଇସ୍କୁଲକୁ ରୂପାନ୍ତରଣ କରାଯିବ। ଏହା ଦ୍ୱାରା ଆମ ପିଲାମାନେ ସରକାରୀ ହାଇସ୍କୁଲରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ଶୈକ୍ଷିକ ପରିବେଶ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକୁ ହାଇସ୍କୁଲ ରୂପାନ୍ତରଣ ଯୋଜନାରେ ସାମିଲ କରାଯାଇ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଉଛି। ରାଜ୍ୟ ସରକାର ୨୦୩୩ ପର୍ଯ୍ୟନ୍ତ ଭାରତୀୟ ହକି ଟିମ୍‌ର ପ୍ରାୟୋଜକ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଜନସାଧାରଣଙ୍କୁ ଉତ୍ତମ ପ୍ରଶାସନିକ ସୁବିଧା ଯୋଗାଇ ଦେବାକୁ ୫-ଟି ଅଭିନବ ବ୍ୟବସ୍ଥାରେ ସମସ୍ତ ବିଭାଗକୁ ସାମିଲ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟବାସୀଙ୍କ ସହଯୋଗ ଏବଂ ସରକାରଙ୍କ ପୂର୍ବ ପ୍ରସ୍ତୁତି ଯୋଗୁ କରୋନା ମହାମାରୀକୁ ମୁକାବିଲା କରିବାରେ ସକ୍ଷମ ହୋଇପାରିଛୁ। ପ୍ରତ୍ୟେକ ଜୀବନ ଆମ ପାଇଁ ମୂଲ୍ୟବାନ୍। ସ୍ୱାସ୍ଥ୍ୟ ସେବା ଉପରେ ଲୋକଙ୍କ ବିଶ୍ୱାସ ବୃଦ୍ଧି ପାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୯୬.୫ ଲକ୍ଷ ପରିବାରକୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ସରକାରୀ ଓ ସହବନ୍ଧିତ ବେସରକାରୀ ଡାକ୍ତରଖାନାଗୁଡ଼ିକରେ ଦୈନିକ ୧.୫ ଲକ୍ଷ ଲୋକ କ୍ୟାଶ୍‌ଲେସ୍ ସେବା ପାଇ ପାରୁଛନ୍ତି। ମହାମାରୀ ପ୍ରଭାବରୁ ଅର୍ଥନୀତିକୁ ବଞ୍ଚାଇ ରଖିବା ଏକ ବଡ଼ ଆହ୍ୱାନ ଥିଲା। ଏହି ଆହ୍ୱାନକୁ ସମ୍ଭାଳି ଅର୍ଥନୀତିକୁ ପୁନର୍ଜୀବିତ କରାଇବାରେ ସଫଳ ହୋଇପାରିଛୁ। ଗତ ୧୦ ବର୍ଷ ମଧ୍ୟରେ ଜାତୀୟ ଆର୍ଥିକ ଅଭିବୃଦ୍ଧି ହାର ୫.୩ ପ୍ରତିଶତ ହୋଇଥିବା ବେଳେ ଓଡ଼ିଶାର ଅଭିବୃଦ୍ଧି ୬.୫ ପ୍ରତିଶତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ରାଜ୍ୟରେ ଜଙ୍ଗଲୀ ଶାସନ ଚାଲିଛି: ନରସିଂହ

ଭୁବନେଶ୍ୱର,୨୮।୩(ବ୍ୟୁରୋ)



ନରସିଂହ ମିଶ୍ର

ଓଡ଼ିଶାରେ ଚାଷୀଙ୍କ ବାର୍ଷିକ ଆୟ ୫,୨୭୪ରୁ ୫,୧୧୨ ଟଙ୍କାକୁ ଖସି ଯାଇଛି। ତେବେ ମାସକୁ କେତେ ପଡ଼ିଲା। ଏହା ହାସ୍ୟାସ୍ପଦ ଓ ଦୁର୍ଭାଗ୍ୟଜନକ। ରାଜ୍ୟ ସରକାର କୃଷି ଉତ୍ପାଦନ ପାଇଁ କେନ୍ଦ୍ରଠାରୁ ପୁରସ୍କାର ପାଉଛନ୍ତି ବୋଲି କହୁଛନ୍ତି। ସ୍କୁଲରେ ଶିକ୍ଷକମାନେ ସମ୍ମାନିତ ହେଉଛନ୍ତି। ମାତ୍ର ଫଳ ଶୂନ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୨,୯୩୦ ଟଙ୍କା କରିବାକୁ ବିଧାନସଭାରେ ସର୍ବସମ୍ମତିକ୍ରମେ ସଙ୍କଳ୍ପ ପାରିତ ହୋଇଥିଲା। ବାଚସ୍ପତିଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ହେଲା। ପ୍ରଧାନମନ୍ତ୍ରୀ ସାକ୍ଷାତ୍ କରିବାକୁ ସମୟ ଦେଲେ ନାହିଁ କିମ୍ବା ବାଚସ୍ପତିଙ୍କ ଚିଠିର ଉତ୍ତର ଦେଲେ ନାହିଁ। ଚାଷୀ ବିରୋଧୀ କେନ୍ଦ୍ର ସରକାରଙ୍କୁ ନବୀନବାବୁ ସମର୍ଥନ ଦେଇ ଚାଲିଛନ୍ତି। ରାଜ୍ୟରେ ଗୋଟିଏ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଚାଷୀଙ୍କୁ ୨,୩୪୪ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। କେନ୍ଦ୍ର ସରକାର ମାତ୍ର ୧୯୪୦ ଟଙ୍କା ଏମ୍‌ଏସ୍‌ପି ଦେଉଛନ୍ତି। ରାଜ୍ୟ ସରକାର ୨୦୧୪ରେ କେବିକେରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ କରିବାକୁ ଘୋଷଣା କରିଥିଲେ। ଏପର୍ଯ୍ୟନ୍ତ ହେଲାଣି କି। ସେ ବିଷୟରେ ରାଜ୍ୟପାଳଙ୍କ ମୁହଁରେ କିଛି କୁହାଇଲେ ନାହିଁ। ଚାଷୀଙ୍କୁ ମାଗଣା ବିଜୁଳି ଦେବା କଥା କହିଥିଲେ। ତାହା ଦେଲେ କି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ସରକାର କେବଳ ରାଜ୍ୟପାଳଙ୍କ ମୁହଁରେ ବିକାଶର ଗୋଲାପୀ ଚିତ୍ର ଆଙ୍କି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି। ରାଜ୍ୟରେ ଜଙ୍ଗଲୀ ଶାସନ ଚାଲିଛି। ପଞ୍ଚାୟତ ନିର୍ବାଚନରେ ତାହା ଦେଖିବାକୁ ମିଳିଲା। ଗୁଣ୍ଡା ଧରି ଶାସକ ଦଳ ଭୋଟ ହାତେଇଛନ୍ତି। ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଚାଲିଛି। ତଥାପି ସବୁ ଠିକ୍ ଅଛି ବୋଲି ରାଜ୍ୟ ସରକାର କହୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ନରସିଂହ କହିଛନ୍ତି।

# ସିବିଆଇ ତଦନ୍ତ ଦାବିକଲା କଂଗ୍ରେସ

**ହତ୍ୟା ପ୍ରସଙ୍ଗ**

**ଦିବ୍ୟଶଙ୍କରଙ୍କ ସମ୍ପୃକ୍ତି ଅଭିଯୋଗ**

ଭୁବନେଶ୍ୱର,୨୮।୩(ବ୍ୟୁରୋ)



ସନ୍ତୋଷ ସିଂ ସାଲୁଜା

ଫଟୋ ଖବରଦାତା ମାନସ ସ୍ୱାଇଁ ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରହିଛି। ମାନସଙ୍କ ମାଆ ଏହି ଅଭିଯୋଗ କରିଛନ୍ତି। କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ ଏହି ଘଟଣାର ସତ୍ୟକୁ ଉନ୍ମୋଚନ କରିପାରିବ ନାହିଁ। ଏହାର ସିବିଆଇ ତଦନ୍ତ ହେବା ଆବଶ୍ୟକ ବୋଲି କଂଗ୍ରେସ ଦାବି କରିଛି।

ସୋମବାର ବିଧାନସଭା ଶୂନ୍ୟକାଳରେ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ମାନସ ହତ୍ୟା ପ୍ରସଙ୍ଗ ଉଠାଇଥିଲେ। ସେ ଅଭିଯୋଗ କରିଥିଲେ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ମାନସଙ୍କୁ ଫେବୃୟାରୀ ୭ ତାରିଖରେ ଅପହରଣ କରାଗଲା। ମାର୍ଚ୍ଚ ୧୨ ତାରିଖରେ ତାଙ୍କ ମୃତଦେହ ରଣପୁରଠାରେ ମିଳିଲା। ମାନସଙ୍କ ମାଆ ତାଙ୍କ ପୁଅର ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର ନାଁ ନେବା ସହ ମନ୍ତ୍ରୀଙ୍କ ଇଙ୍ଗିତରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ତଦନ୍ତ ଦୋଷୀକୁ ଧରି ପାରିବ ନାହିଁ। କଳାହାଣ୍ଡି ଜିଲା ମହାଲିଙ୍ଗ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ନାମ ଉଠିଲା। ସରକାର କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଫଳ କ'ଣ ହେଲା। କ୍ରାଇମବ୍ରାଞ୍ଚ ଉପରେ ଭରସା ନାହିଁ। ଏହି ହତ୍ୟା ଘଟଣାର ତଦନ୍ତ ସିବିଆଇକୁ ଦିଆଯାଉ ବୋଲି ସାଲୁଜା ଦାବି କରିଛନ୍ତି।

ସେହିପରି କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ସୋରଡ଼ା ଆଇଆଇସି ମୃତ୍ୟୁ ଘଟଣାର ଯାଞ୍ଚ କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି ଯେ, ଗାଙ୍ଗପୁର ଆଇଆଇସି ଜଣେ ଆଦିବାସୀ। ଆଦିବାସୀ ପିଲା କେବେ ଆତ୍ମହତ୍ୟା କରନ୍ତି ନାହିଁ। ଖାଇପିଇ ସାରି କୌଣସି ବ୍ୟକ୍ତି ଆତ୍ମହତ୍ୟା କରିବ ନାହିଁ। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା, ଏହାର ବିଧିବଦ୍ଧ ତଦନ୍ତ କରାଯାଉ। ସେ ଯଦି ମାନସିକ ଚାପରେ ଥିଲେ ତେବେ କ'ଣ ପାଇଁ ଥିଲେ। ଏ ସମସ୍ତ ଘଟଣାର ପର୍ଦ୍ଦାଫାଶ କରାଯାଉ ବୋଲି ସେ ଦାବି କରିଛନ୍ତି।



ଢେଙ୍କାନାଳ ଓ ଅନୁଗୋଳ ଜିଲାରେ କଳାକାର ସହାୟତା ଯୋଜନାରେ କୀର୍ତ୍ତନିଆଙ୍କୁ ୫ ହଜାର ଟଙ୍କା ମାସିକ ସହାୟତା ଦାବିରେ ସୋମବାର ଓଡ଼ିଶା ପ୍ରଜାଳନ ସଂଘର୍ଷ ସମିତି ପକ୍ଷରୁ ପିଏମ୍‌ଜିଠାରେ ଅଭିନବ ପ୍ରତିବାଦ।

# ଫେବୃୟାରୀ ସୁଦ୍ଧା ୧୪,୯୪୯ କୋଟିର ଜିଏସ୍‌ଟି ଆଦାୟ

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ରାଜ୍ୟରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ସଂଗ୍ରହ ବଢ଼ିଚାଲିଛି। କେବଳ କରୋନା ମହାମାରୀ ଯୋଗୁ ୨୦୨୦-୨୧ ବର୍ଷରେ ଏହି ରାଜସ୍ୱ ସଂଗ୍ରହ ସାମାନ୍ୟ ହ୍ରାସ ପାଇଥିଲା। ବିଧାୟକ ମୁକେଶ ମହାଲିଙ୍ଗ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ୨୦୧୭ ଜୁଲାଇ ୧ରୁ ସାରା ଦେଶରେ ଜିଏସ୍‌ଟି ପ୍ରଚଳିତ ହୋଇଛି। ଏଥିରେ ମୂଲ୍ୟ ଯୁକ୍ତ କର (ଭାଟ୍), କେନ୍ଦ୍ରୀୟ ବିକ୍ରି କର (ସେଣ୍ଟ୍ରାଲ ସେଲ୍‌ସ ଟ୍ୟାକ୍ସ), ପ୍ରବେଶ କର, ପ୍ରମୋଦ କର, ଫରେଷ୍ଟ ଡେଭଲପ୍‌ମେଣ୍ଟ ଟ୍ୟାକ୍ସ ଇତ୍ୟାଦି ରାଜ୍ୟ ଆଦାୟ କରୁଥିବା କର ଏବଂ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ସେଣ୍ଟ୍ରାଲ ଏକ୍ସାଇଜ ଡ୍ୟୁଟି), ସେବା କର ଇତ୍ୟାଦି କେନ୍ଦ୍ରୀୟ କର ମିଶ୍ରଣ ହୋଇଛି। ୬ଟି ଦ୍ରବ୍ୟ ଯଥା-ଅଶୋଧିତ ତୈଳ, ପେଟ୍ରୋଲ୍, ଡିଜେଲ୍, ପ୍ରାକୃତିକ ଗ୍ୟାସ୍, ବିମାନ ଇନ୍ଧନ ଏବଂ ମଦ ଜିଏସ୍‌ଟି ମଧ୍ୟରେ ଅନ୍ତର୍ଭୁକ୍ତ ହୋଇନାହିଁ। ଏହି ୬ ଦ୍ରବ୍ୟ ଉପରୁ ଭାଟ୍ ଆଦାୟ ହେଉଛି। ରାଜ୍ୟ ସରକାର ୨୦୧୭-୧୮ ଆର୍ଥିକ ବର୍ଷର ୨୦୧୭ ଜୁଲାଇ ୧ରୁ ୨୦୧୮ ମାର୍ଚ୍ଚ ୩୧ ମଧ୍ୟରେ ୬,୬୦୯ କୋଟି ୨୭ ଲକ୍ଷ ଟଙ୍କାର ଜିଏସ୍‌ଟି ଆଦାୟ କରିଛନ୍ତି। ସେଥିରେ ଏସ୍‌ଜିଏସ୍‌ଟି ବାବଦକୁ ୩,୭୪୯ କୋଟି ୯୪ ଲକ୍ଷ ଟଙ୍କା ଏବଂ ଆଇଜିଏସଟି ବାବଦକୁ ୨,୮୫୯ କୋଟି ୩୩ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ଥିବା ମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ୧୧,୯୪୨ କୋଟି ୫୮ଲକ୍ଷ ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ସେଥିରେ ଏସ୍‌ଜିଏସଟି ୬,୫୬୬ କୋଟି ୬୯ଲକ୍ଷ ଏବଂ ଆଇଜିଏସ୍‌ଟି ୫,୩୭୫ କୋଟି ୮୯ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ। ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ୧୩,୨୦୩.୫୧ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିଛନ୍ତି। ସେଥିରେ ୮,୪୫୩.୬୭ କୋଟି ଏସ୍‌ଜିଏସ୍‌ଟି ଏବଂ ୪,୭୪୯.୮୪ କୋଟି ଆଇଜିଏସ୍‌ଟି ଆଦାୟ ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ସରକାର ୧୩,୦୪୩ କୋଟି ୧୯ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିଛନ୍ତି। ସେଥିରେ ଏସ୍‌ଜିଏସ୍‌ଟି ପରିମାଣ ୮,୨୯୧.୭୮ କୋଟି ଟଙ୍କା ଥିବାବେଳେ ୪,୭୫୧.୪୧ କୋଟି ଟଙ୍କା ଆଇଜିଏସ୍‌ଟି ରହିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଫେବୃୟାରୀ ୨୦୨୨ ଶେଷ ସୁଦ୍ଧା ୧୪,୯୪୯ କୋଟି ୫୪ଲକ୍ଷ ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ସେଥିରେ ଏଜିଏସ୍‌ଟି ବାବଦକୁ ୧୧,୩୮୬.୭୫ କୋଟି ଏବଂ ଆଇଜିଏସ୍‌ଟି ବାବଦକୁ ୩,୫୬୨.୭୯ କୋଟି ଟଙ୍କା ଅନ୍ତର୍ଭୁକ୍ତ।

# ବଢୁଛି ବ୍ରାଉନସୁଗାର କାରବାର

**୩ ବର୍ଷରେ ଜବତ ହୋଇଛି ୨୨.୫୬ କିଲୋ**

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ରାଜ୍ୟରେ ୨୦୧୯-୨୦ ପରଠାରୁ ବ୍ରାଉନସୁଗାର କାରବାର ବୃଦ୍ଧିପାଇଛି। ବିଧାନସଭାରେ ସରକାରଙ୍କ ପକ୍ଷରୁ ସୋମବାର ଉପସ୍ଥାପିତ ଉତ୍ତର ଏହା ସ୍ପଷ୍ଟ ହୋଇଛି। ବିଧାୟକ ମୌଷଧି ବାଗ୍ ଏକ ଅଣତାରକା ପ୍ରଶ୍ନ(୨୨୩)ରେ ପଚାରିଥିଲେ ଯେ, ବିଗତ ତିନି ବର୍ଷରେ ରାଜ୍ୟରେ କେତେ ପରିମାଣର ବ୍ରାଉନସୁଗାର ଜବତ ହୋଇଛି ଏବଂ ଏହି କାରବାରକୁ ମୂଳୋତ୍ପାଟନ ପାଇଁ କେଉଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଏହାର ଉତ୍ତରରେ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ଗତ ୩ ବର୍ଷରେ ମୋଟ ୨୨ କିଲୋ ୫୬୨ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ସେଥିମଧ୍ୟରେ ୨୦୧୮-୧୯ରେ ୪୫୭୧.୫୫ ଗ୍ରାମ, ୨୦୧୯-୨୦ରେ ୨୯୬୩.୪, ୨୦୨୦-୨୧ରେ ୩୮୩୬.୬୬ ଜବତ କରାଯାଇଥିବାବେଳେ ୨୦୨୧ରୁ ୨୦୨୨ ଫେବୃୟାରୀ ସୁଦ୍ଧା ୧୧୧୯୦.୯ ଗ୍ରାମ ଜବତ କରାଯାଇଥିବା ଉତ୍ତରରେ ଉଲ୍ଲେଖ ରହିଛି।

# ରାଜ୍ୟପାଳଙ୍କୁ ଭେଟିଲେ ଭାଜପା ବିଧାୟକ

**ପିଏମ୍‌ଜିକେୱାଇ ଲାଗି ଧନ୍ୟବାଦ ପ୍ରସ୍ତାବ ଆଣିବାକୁ ଦାବି**

ଭୁବନେଶ୍ୱର, ୨୮।୩(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେୱାଇ)କୁ ଦେଶରେ ୬ଷ୍ଠ ଥର ପାଇଁ ବୃଦ୍ଧି କରାଯାଇଛି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେବା ଲାଗି ଗୃହରେ ଧନ୍ୟବାଦ ପ୍ରସ୍ତାବ ଆଣିବା ନିମନ୍ତେ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ଉପନେତା ମୋହନ ମାଝି କହିଛନ୍ତି, ଭାଜପା ବିଧାୟକମାନେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ପାଇଁ ଗୃହରେ ଧନ୍ୟବାଦ ପ୍ରସ୍ତାବ ଆଣିବା ଲାଗି ବାଚସ୍ପତିଙ୍କୁ ଅବଗତ କରିଥିଲେ। ଏହି ପ୍ରସଙ୍ଗକୁ ଗୃହର ଶୂନ୍ୟକାଳରେ ଉପସ୍ଥାପନ କରାଯାଇଥିଲା। ଏହି ବିଷୟରେ ବାଚସ୍ପତି ଅନୁଧ୍ୟାନ କରିବେ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଆଉ ଯୋଗାଯୋଗ କରାଗଲା ନାହିଁ ଏବଂ କିଛି ଉତ୍ତର ପାଇଲୁନି। ସେପଟେ ମଙ୍ଗଳବାର ପର୍ଯ୍ୟନ୍ତ ଗୃହ ମୁଲତବୀ ଘୋଷଣା କରିଦିଆଗଲା। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦେଶର ୮୦ କୋଟି ଏବଂ ରାଜ୍ୟର ପ୍ରାୟ ୩.୨୫ କୋଟି ଲୋକ ଉପକୃତ ହେଉଛନ୍ତି। କେବଳ ଓଡ଼ିଶା ପାଇଁ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଖାଦ୍ୟଶସ୍ୟ ବଣ୍ଟନ କରାଯାଇଛି। ରାଜ୍ୟର ସମସ୍ତ ବିଧାୟକ ସଂଘୀୟ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା କ'ଣ ଭୁଲ କି ବୋଲି ମୋହନ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଏଭଳି ଜନକଲ୍ୟାଣକାରୀ ପଦକ୍ଷେପ ଲାଗି ଧନ୍ୟବାଦ ଦେବା ପାଇଁ ଏକ ଧନ୍ୟବାଦ ପ୍ରସ୍ତାବ ଲାଗି ବାଚସ୍ପତିଙ୍କୁ ଅବଗତ କରାଯିବା ପରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡାଯାଇଛି ବୋଲି ସେ କହିଛନ୍ତି।

**ଧନ୍ୟବାଦ ବନାମ ନିନ୍ଦା**

# ଭାଜପାକୁ କଂଗ୍ରେସର କାଉଣ୍ଟର

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ଧନ୍ୟବାଦ ଓ ବିରୋଧର ନିନ୍ଦା ପ୍ରସ୍ତାବ ଗୃହରେ ଆଣିବାକୁ ଉଭୟ ଭାଜପା ଏବଂ କଂଗ୍ରେସ ଯଥାକ୍ରମେ ବାଚସ୍ପତିଙ୍କୁ ପ୍ରସ୍ତାବ ଦେଇଛନ୍ତି। ଭାଜପାର ଦାବି ହେଲା ପ୍ରଧାନମନ୍ତ୍ରୀ ବାତ୍ୟା, ବନ୍ୟା ସମୟରେ ରାଜ୍ୟକୁ ପର୍ଯ୍ୟାପ୍ତ ସହାୟତା ଯୋଗାଇ ଦେଉଛନ୍ତି। କରୋନା ମହାମାରୀ ସମୟରେ ରାଜ୍ୟର ୩କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇଦେଇଛନ୍ତି। ଆଉ ୬ ମାସ ପାଇଁ ପୁଣି ମାଗଣା ଖାଦ୍ୟଶସ୍ୟ ଯୋଗାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଗୃହରେ ପ୍ରଧାନମନ୍ତ୍ରୀଙ୍କ ପାଇଁ ଧନ୍ୟବାଦ ପ୍ରସ୍ତାବ ଅଣାଯାଉ। ଭାଜପାର ଏଭଳି ପ୍ରସ୍ତାବକୁ କଂଗ୍ରେସ କାଉଣ୍ଟର କରିବାକୁ ପଛାଇ ନାହିଁ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସମ୍ପର୍କରେ ବିଧାନସଭାର ଗୃହ କମିଟିକୁ ଦେଖାକରିବାକୁ ଅନୁମତି ଦେଇ ନ ଥିବାରୁ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଅଣାଯାଉ ବୋଲି କଂଗ୍ରେସ ଦାବି କରିଛି।

ସୋମବାର ବିଧାନସଭା ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ଉପନେତା ସଭ୍ୟ ବିଷ୍ଣୁ ଚରଣ ସେଠୀ କହିଥିଲେ, ପ୍ରଧାନମନ୍ତ୍ରୀ ଦେଶର ୮୦ କୋଟି ଲୋକଙ୍କ ପାଇଁ ବିଶେଷକରି ଓଡ଼ିଶାର ୩ କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇଦେବାକୁ ଘୋଷଣା କରିଛନ୍ତି। କରୋନା ମହାମାରୀ ସମୟରେ ଗରିବ କଲ୍ୟାଣ ଯୋଜନା ପାଇଁ ପ୍ରଧାନମନ୍ତ୍ରୀଙ୍କ ସକାଶେ ଗୃହରେ ଧନ୍ୟବାଦ ପ୍ରସ୍ତାବ ଅଣାଯାଉ ବୋଲି ସେ କହିଥିଲେ। ଏହାକୁ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ସମର୍ଥନ କରିବା ସହ ରୁଲିଂ ଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ବାଚସ୍ପତି କହିଥିଲେ, ଭାଜପାର ୧୦ରୁ ୧୨ ଜଣ ବିଧାୟକ ଏ ନେଇ ଲେଖିକରିଦେଇଛନ୍ତି। ଏହାକୁ ଅନୁଧ୍ୟାନ କଲା ପରେ ରିପୋର୍ଟ ଦିଆଯିବ।

ଅପରପକ୍ଷରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି କହିଥିଲେ, ରାଜ୍ୟରେ ଚାଷୀମାନଙ୍କ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା କରିବାକୁ ସର୍ବସମ୍ମତିକ୍ରମେ ବିଧାନସଭାରେ ଏକ ସଂକଳ୍ପ ପାରିତ ହୋଇଥିଲା। ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଗଲା। ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ବାଚସ୍ପତି ଚିଠି ଲେଖିଲେ। ମାତ୍ର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କୌଣସି ଉତ୍ତର ଆସିଲା ନାହିଁ। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଅଣାଯାଉ ।

ସେହିପରି ଶୂନ୍ୟକାଳରେ କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ଶ୍ରୀଜଗନ୍ନାଥ ମନ୍ଦିର ସୁରକ୍ଷା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ମନ୍ଦିରକୁ ଆଉ ଅଧିକ ଖୋଲାଖୋଲି କରା ନ ଯାଇ ଏହାର କିପରି ସୁରକ୍ଷା ହୋଇ ପାରିବ ସେନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ରାଜ୍ୟ ସରକାରଙ୍କ ଅଧିକାରୀ, ସେବାୟତଙ୍କୁ ନେଇ ଏକ ହାଇ ପାୱାର କମିଟି ଗଠନ କରାଯାଉ। ବିଜେଡି ସଭ୍ୟ ପ୍ରତାପ କେଶରୀ ଦେବ ଓଡ଼ିଆ ଭାଷାକୁ ଅପଭ୍ରଂଶ କରି ଲେଖାଯାଉଥିବା ବିଷୟ ଉଠାଇଥିଲେ। ସେ କହିଥିଲେ, ଆଳି, କଟକ ଭଳି ଆହୁରି ଅନେକ ଜାଗାର ନାମକୁ ଭୁଲ୍ ଭାବେ ଲେଖାଯାଉଛି। ଯେପରି ଭାବେ ଓରିଶାକୁ ଓଡ଼ିଶା କରାଗଲା ସେହିପରି ଅନ୍ୟ ସ୍ଥାନର ନାମକୁ ମଧ୍ୟ ସଂଶୋଧନ କରାଯାଉ।

# ମୁଣ୍ଡପିଛା ଋଣ ୨୨,୮୨୭ ଟଙ୍କା

**ରାଜ୍ୟର ଋଣଭାର ୧,୦୪,୩୧୨ କୋଟି**

**କମ୍ ଋଣ କରିବାରେ ଓଡ଼ିଶା ଦ୍ୱିତୀୟ**

ଭୁବନେଶ୍ୱର,୨୮।୩(ବ୍ୟୁରୋ)



ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ

ରାଜ୍ୟରେ ଋଣଭାର ୧ ଲକ୍ଷ ୪ ହଜାର ୩୧୨ କୋଟି ରହିଛି। ୨୦୨୧-୨୨ରେ ମୁଣ୍ଡପିଛା ଋଣଭାର ୨୨ ହଜାର ୮୨୭ ଟଙ୍କା ୫୪ ପଇସା। ରାଜ୍ୟ ସରକାର ୨୦୧୦-୧୧ରେ ୩୪୯୦.୪୬ କୋଟି ଟଙ୍କା ଋଣ କରିଥିବାବେଳେ ୨୦୧୧-୧୨ରେ ୧୭୮୦.୨୩ କୋଟି, ୨୦୧୨-୧୩ରେ ୨୫୭୦.୬୨ କୋଟି, ୨୦୧୩-୧୪ରେ ୨୯୭୯.୩୨ କୋଟି, ୨୦୧୪-୧୫ରେ ୭୬୩୬.୫୩ କୋଟି, ୨୦୧୫-୧୬ରେ ୧୧,୬୨୫.୩୨ କୋଟି, ୨୦୧୬-୧୭ରେ ୧୩,୦୮୦.୧୭ କୋଟି, ୨୦୧୭-୧୮ରେ ୧୪,୪୧୯.୪୧ କୋଟି, ୨୦୧୮-୧୯ରେ ୧୧,୭୫୦.୩୫ କୋଟି, ୨୦୧୯-୨୦ରେ ୧୫,୫୯୩.୬୨ କୋଟି, ୨୦୨୦-୨୧ରେ ୨୧,୩୧୭.୬୪ କୋଟି ଏବଂ ୨୦୨୧-୨୨ ଜାନୁୟାରୀ ସୁଦ୍ଧା ରାଜ୍ୟ ସରକାର ୧୦,୮୩୪.୨୯ କୋଟି ଟଙ୍କା ଋଣ କରିଛନ୍ତି। କର୍ଣ୍ଣାଟକ ପରେ ଓଡ଼ିଶା ଦେଶରେ କମ୍ ଋଣ କରିବାରେ ଦ୍ୱିତୀୟ ରାଜ୍ୟ। ଆସନ୍ତା ବର୍ଷ ଓଡ଼ିଶା ସବୁଠାରୁ କମ୍ ଋଣ କରିବା ରାଜ୍ୟରେ ପରିଣତ ହେବ ବୋଲି ସୋମବାର ବିଧାନସଭାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି।

ରାଜ୍ୟରେ ବଢୁଥିବା ଋଣଭାରକୁ ନେଇ ବିଧାନସଭାରେ ବିରୋଧୀ ସଦସ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୋମବାର ପ୍ରଶ୍ନୋତ୍ତର ବେଳେ ୩୨ ନମ୍ବର ପ୍ରଶ୍ନରେ କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଜାଣିବାକୁ ଚାହିଁଥିଲେ ଯେ, ୨୦୧୦ରୁ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର କେଉଁ ଆର୍ଥିକ ବର୍ଷରେ କେତେ ଋଣ କରିଛନ୍ତି। କେତେ ଋଣ ଓ ସୁଧ ଶୁଝିଛନ୍ତି। ରାଜ୍ୟ ଦିନକୁଦିନ ଋଣଭାରରେ ବୁଡ଼ିବା କାରଣ କ'ଣ। ରାଜ୍ୟ ସରକାର ଋଣ କରି ସରକାରୀ କର୍ମଚାରୀଙ୍କୁ ଦରମା ଦେଉଛନ୍ତି। କାଳିଆ, ବଳିଆ, ଛତା, ଜୋତା ଭଳି କେତେ କ'ଣ ଯୋଜନା କରାଯାଉଛି। ରାଜ୍ୟ ଋଣଭାରରେ ବୁଡ଼ିଲାଣି। ରାଜ୍ୟ ସରକାର କେତେ ଋଣ ଶୁଝିଛନ୍ତି। ଏହାର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ଋଣ କରି କର୍ମଚାରୀଙ୍କୁ ଦରମା ଦେଉନାହାନ୍ତି। ୨୦୨୧-୨୨ରେ ଅଣଟିକସ ଓ ନିଜସ୍ୱ ଟିକସ ୨% ବୃଦ୍ଧି ପାଇଛି। ୨୦୦୪-୫ରୁ ରାଜ୍ୟ ସରକାର ଯାହା ଋଣ କରିଥିଲେ, ତାହା ବିକାଶମୂଳକ କାର୍ଯ୍ୟରେ ଲାଗିଛି। ଘରୋଇ ଉତ୍ପାଦନର ୨୫% ଯାଏ ଋଣ କରିବାକୁ ଏଫ୍‌ଆରବିଏମ୍ ଅନୁମତି ଦେଇଛି। ରାଜ୍ୟରେ ଋଣହାର ଏହାଠାରୁ କମ୍ ରହିଛି। କର୍ଣ୍ଣାଟକକୁ ଛାଡ଼ିଦେଲେ ଓଡ଼ିଶା ସମସ୍ତ ରାଜ୍ୟଠାରୁ କମ୍ ଋଣ କରିଛି। ଆଗାମୀ ଦିନରେ କମ୍ ଋଣ କରିବାରେ ଆମ ରାଜ୍ୟ ସମସ୍ତଙ୍କ ଆଗରେ ରହିବ।

ବିଜେଡି ସଭ୍ୟ ପ୍ରଦୀପ ଅମାତ ପଚାରିଥିଲେ ଯେ, ରାଜ୍ୟ ସରକାର କେଉଁ ବର୍ଷ କେତେ ଋଣ କରିଛନ୍ତି। ସେଥିରୁ କେତେ ଶୁଝିଛନ୍ତି। ଖୋଲା ବଜାରରୁ କେତେ ଋଣ କରାଯାଇଛି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ଚଳିତବର୍ଷ ଖୋଲା ବଜାରରୁ କୌଣସି ଋଣ କରିନାହାନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ, ରାଜ୍ୟ ସରକାର ସଞ୍ଜୀବ ହୋତା କମିଶନ ସୁପାରିସକୁ କାହିଁକି ଲାଗୁ କରିନାହାନ୍ତି। ମନ୍ତ୍ରୀ କହିଛନ୍ତି ଯେ, ସଞ୍ଜୀବ ହୋତା କମିଶନଙ୍କ ରିପୋର୍ଟକୁ ରାଜ୍ୟ ସରକାର ତର୍ଜମା କରୁଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ଅଣରାଜସ୍ୱ ଟିକସ ବାବଦରେ ୨୦ ହଜାର କୋଟି ଟଙ୍କା ରାଜସ୍ୱ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ୨୦୨୨ ଜାନୁୟାରୀ ସୁଦ୍ଧା ୩୮,୭୭୨ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଏଥିସହିତ ନିଜସ୍ୱ ଟିକସ ଓ ଅଣଟିକସ ମଧ୍ୟ ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ବିଜେଡି ସଭ୍ୟ ଅମର ଶତପଥୀ ରାଜ୍ୟ ସରକାର କେତେ ଋଣ ଶୁଝିଛନ୍ତି ବୋଲି ପଚାରିଥିଲେ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ୧୯୯୯-୨୦୦୦ରୁ ୨୦୨୧-୨୨ ସୁଦ୍ଧା ରାଜ୍ୟର ଋଣଭାର କେତେ ଅଛି। କେତେ ସୁଧ ଓ ଋଣ ଶୁଝାଯାଇଛି। ମୁଣ୍ଡ ପିଛା ଋଣ କେତେ ବୋଲି ପଚାରିଥିଲେ। ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମୋଟ ଋଣ ୧ ଲକ୍ଷ ୪ ହଜାର ୩୧୨ କୋଟି ଟଙ୍କା ରହିଛି। ଠିକ୍ ସମୟରେ ଋଣ ଶୁଝାଯାଉଥିବାରୁ ଇନ୍‌ସେନ୍‌ଟିଭ ମିଳୁଛି। ୨୦୧୧-୧୨ରୁ ୨୦୨୦-୨୧ ମଧ୍ୟରେ ୧୩୯.୨୫ କୋଟି ଟଙ୍କା ଇନ୍‌ସେନ୍‌ଟିଭ ମିଳିଛି ବୋଲି ମନ୍ତ୍ରୀ କହିଛନ୍ତି।

## ସଂସ୍କୃତ ବିଭାଗ ପକ୍ଷରୁ କର୍ମଶାଳା

ବଲାଙ୍ଗୀ,(ଡି.ଏନ.ଏ.): ବଲାଙ୍ଗୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଆନୁକୂଲ୍ୟରେ ସୋମବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଧକ୍ଷ ତପନ କୁମାର ପଟ୍ଟନାୟକ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସାଧନ କର୍ମୀ ପ୍ରଧାପକ ଡ. ନିର୍ମଳ କୁମାର ମିଶ୍ର ଯୋଗଦେଇ ମହାବିଦ୍ୟାଳୟ ପାଠ୍ୟସୂଚୀରେ ନୂତନ ଭାବେ ସଂଲଗ୍ନ ହୋଇଥିବା ଜ୍ୟୋତିଷ ଏବଂ ବାସ୍ତୁଶାସ୍ତ୍ର ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ କେଳୁଚରଣ ପଣ୍ଡା, ଅଶୋକ କୁମାର ମିଶ୍ର, ଡ. ପ୍ରଶାନ୍ତ ମିଶ୍ର କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୩।୨୦୨୨

| | |
|---|---|
| ୪,୪୬,୪୫୭ ଟଙ୍କା | |
| ସୁନା | ୩.୧୦୦ ଗ୍ରାମ |
| ରୁପା | ୫୩.୫୦୦ ଗ୍ରାମ |







ଭାରତ ବନ୍ଦ ପାଳନ ଅବସରରେ ସୋମବାର ଏଆଇଟିୟୁସି ପକ୍ଷରୁ ଅସ୍ତରଙ୍ଗରେ ବାହାରିଥିବା ଶୋଭାଯାତ୍ରା । ଡେଲାଙ୍ଗଠାରେ ଏସୟୁସିଆଇ (କମ୍ୟୁନିଷ୍ଟ) ପୁରୀ ଜିଲା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ବିଭିନ୍ନ ସ୍ଥାନରେ ବନ୍ଦ ସଫଳ

**ପୁରୀଅଫିସ/ଅସ୍ତରଙ୍ଗ/ଡେଲାଙ୍ଗ/ଗୋପ/ନିମାପଡ଼ା, ୨୮।୩(ଡି.ଏନ୍.ଏ.)**

ଦର ବୃଦ୍ଧି, ବେକାରି ସମସ୍ୟା, ବ୍ୟାଙ୍କ ଘରୋଇକରଣ ଓ କେନ୍ଦ୍ର ସରକାରର ବିରୋଧୀ ନୀତି ଆଦି ୧୨ ଦଫା ଦାବି ନେଇ ଦେଶର ସମସ୍ତ ଟ୍ରେଡ୍ ୟୁନିଅନ ଓ ବାମ ଦଳଗୁଡ଼ିକ ପକ୍ଷରୁ ସୋମବାରଠାରୁ ଦୁଇଦିନିଆ ଭାରତ ବନ୍ଦ ଡାକରା ଦିଆଯାଇଛି। ଧର୍ମଘଟ ସକାଳ ୬ରୁ ଅପରାହ୍ଣ ୪ଟା ଯାଏ ଚାଲିଥିବା ବେଳେ ପୁରୀ ସମେତ ଜିଲାର ବିଭିନ୍ନ ସ୍ଥାନରେ ପ୍ରଥମଦିନ ସଫଳ ହୋଇଛି। ଏହି ବନ୍ଦ ଡାକରାକୁ ବ୍ୟାଙ୍କ, ଟେଲିକମ ସଂଘ, ପୂର୍ବତଟ ରେଳ କଣ୍ଟ୍ରାକ୍ଟ ଶ୍ରମିକ ୟୁନିଅନ, ନୀଳକଣ୍ଠେଶ୍ୱର ଅଟୋ ସଂଘ ଆଦି ଅନେକ ସଂଗଠନ ସମର୍ଥନ କରିଛନ୍ତି। ଷ୍ଟେଶନରେ ବିକ୍ଷୋଭ ବସଷ୍ଟାଣ୍ଡ, ବ୍ୟାଙ୍କ, ବୀମା, ଡାକ, କୋର୍ଟ ଓ ସମସ୍ତ ସରକାରୀ ଅଫିସରେ ପିକେଟିଂ କରାଯାଇଥିଲା। ଏଥିରେ ଜଗନାଥ ଦେଓ, ଶରତ କୁମାର ରାୟଗୁରୁ, ପ୍ରଦୀପ୍ତ ମହାନ୍ତି, ଶ୍ରୀକାନ୍ତ ପରିଜା, ଜ୍ଞାନରଞ୍ଜନ ଦାସ, ମୋହନ ନାଇଡୁ, ଲିଙ୍ଗୁଲାଲ ସୁବୁଦ୍ଧି, ରବି ପ୍ରଧାନ, ଗୁନା ନାୟକ, ଅଜୟ ମିଶ୍ର, ମନୋରଞ୍ଜନ ମହାରଣା, ବିଭୁତି ରାଉତରାୟ, ରଞ୍ଜିତ ନାୟକ, ଦୁର୍ଯ୍ୟୋଧନ ରେଡ୍ଡି, ବସନ୍ତ ରାଉତ, ପ୍ରଭାକର ଜେନା ପ୍ରମୁଖ ଧର୍ମଘଟରେ ସାମିଲ ଥିଲେ। ସେହିଭଳି ଅସ୍ତରଙ୍ଗ ବ୍ଲକ ସମ୍ମୁଖରେ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ତରଫରୁ ଏସ୍‌ଆଇଟିୟୁସି ଅସ୍ତରଙ୍ଗ ଶାଖାର ସୁରେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା। ଏଥିରେ ବିନି ଛାଟୋଇ, ବୈଜୟନ୍ତୀ ତ୍ରିପାଠୀ, ପ୍ରମୋଦ ଚନ୍ଦ୍ର ନାୟକ ପ୍ରମୁଖ ସାମିଲ ଥିଲେ। ଡେଲାଙ୍ଗ ବ୍ଲକର ଶ୍ରମିକ ସଂଗଠନ ସମ୍ପାଦକ ଦୀନବନ୍ଧୁ ପରିଡ଼ା, ବଟକୃଷ୍ଣ ସ୍ୱାଇଁ, ପଦ୍ମଚରଣ ଜେନା, ତ୍ରିନାଥ ପ୍ରଧାନ, ଗୋଲକ ବରାଳ ପ୍ରମୁଖ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

ଗୋପର ଅଙ୍ଗନୱାଡ଼ି ସଂଘ ଓ ଟ୍ରେଡ ୟୁନିୟନର କର୍ମକର୍ତ୍ତାମାନେ ଅଞ୍ଚଳରେ ଶୋଭାଯାତ୍ରା କରି ବ୍ଲକ ଅଭିମୁଖେ ଯାଉଥିଲେ। ଏହି ସମୟରେ ଛତିଶଗଡ଼ର ୫୦ରୁ ଉର୍ଦ୍ଧ୍ୱ ଥିବା ପର୍ଯ୍ୟଟକଙ୍କ ବସ୍ କୋଣାର୍କ, ପୁରୀ ବୁଲିବାକୁ ଯାଉଥିଲେ। ବଣିଆ ସାହି ନିକଟରେ ଆନ୍ଦୋଳନକାରୀମାନେ ଏହି ପର୍ଯ୍ୟଟକଙ୍କ ବସ୍‌କୁ ଅଟକାଇବା ସହ ଢେଲା ମାଡ଼ କରି ଗାଡ଼ି ଭଙ୍ଗାରୁଜା କରିଥିଲେ। ଫଳରେ ପର୍ଯ୍ୟଟକ ରାଜୀବ ଲୋଚନ, ବକୁଳ ଶର୍ମା, ରଙ୍ଗଲତା ଚାଟାର୍ଜୀ ପ୍ରମୁଖ ନିରାଶରେ ଫେରିବା ସହ ସେଠାରେ ଥିବା ପୋଲିସକୁ କହିଥିଲେ। ଅଙ୍ଗନୱାଡ଼ି ସଂଘ ସଭାପତି ପୁଷ୍ପାରାଣୀ ସ୍ୱାଇଁ, କିଷାନ ସଂଘର ମନୋରଞ୍ଜନ ପରିଡ଼ା ସେଭଳି ଗାଡ଼ି ଭଙ୍ଗାରୁଜା ଘଟଣାକୁ ମନା କରିଥିଲେ। ଅଖିଳ ଭାରତ କୃଷକ ସଂଘ, ସିପିଆଇ ଆଞ୍ଚଳିକ କମିଟି ପକ୍ଷରୁ ଦୋଳବେଦି ଛକରେ ବିକ୍ଷୋଭ କରାଯାଇଥିଲା। ସିପିଆଇ ନେତା ଦେବେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ସନ୍ତୋଷ ବେହେରା, ପ୍ରଫୁଲ୍ଲ ସାହୁ, ଜୟକୃଷ୍ଣ ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ବଜାର ପରିକ୍ରମା କରି ବ୍ୟାଙ୍କ, ଡାକଘର ବନ୍ଦ କରିବାକୁ କହିଥିଲେ।

**ଗୋପରେ ପର୍ଯ୍ୟଟକଙ୍କ ବସ୍‌କୁ ଭଙ୍ଗାରୁଜା କଲେ**




## ଅଗ୍ନିକାଣ୍ଡ ଘଟି ୭ ଛେଳି ଜୀବନ୍ତ ଦଗ୍ଧ

**ଡେଲାଙ୍ଗ, ୨୮।୩(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକର ରେଞ୍ଚ ପଞ୍ଚାୟତ ଅନ୍ତର୍ଗତ ପ୍ରହରାଜପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗ୍ରାମର ବିଜୟ ବେହେରାଙ୍କ ଗୁହାଳ ଘର ପୋଡ଼ିଯିବା ସହିତ ୭ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଘଟଣା ଅନୁଯାୟୀ, ସବୁଦିନ ଭଳି ବିଜୟଙ୍କ ପରିବାର ଲୋକ ରାତିରେ ଖାଇସାରି ଶୋଇପଡିଥିଲେ। ହେଲେ ବିଳମ୍ବିତ ରାତିରେ କୌଣସି କାରଣରୁ ତାଙ୍କ ଗୁହାଳ ଘରେ ନିଆଁ ଲାଗିଯାଇଥିଲା। ଗୁହାଳରେ ଥିବା ଛେଳିମାନେ ରଡି ଛାଡିବାରୁ ବିଜୟଙ୍କ ପରିବାର ଓ ପଡିଶା ଘର ଲୋକେ ଉଠି ନିଆଁ ଜଳୁଥିବାର ଦେଖିବାକୁ ପାଇଥିଲେ। ସେ ପାଟିକରି ଡାକିବାରୁ ସାହିର ସମସ୍ତେ ଉଠି ନିଆଁ ଲିଭାଇବାରେ ସାହାଯ୍ୟ କରିଥିଲେ। ସେତେବେଳକୁ ଗୁହାଳରେ ଥିବା ପ୍ରାୟ ୭ଟି ଛେଳି ସମ୍ପୂର୍ଣ୍ଣ ଜଳିଯାଇଥିଲେ। ଖବର ପାଇ ଡେଲାଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁହାଳ ଧୂଆଁରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସରପଞ୍ଚ ହରିହର ସ୍ୱାଇଁ ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ସରକାରୀ ସହାୟତା ପ୍ରଦାନ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି ।

## ଶିଶୁଙ୍କ ଶିକ୍ଷା ପ୍ରତି ମାତାପିତାଙ୍କ ଗୁରୁତ୍ୱ ପ୍ରଥମ

**ଡେଲାଙ୍ଗ, ୨୮।୩(ଡି.ଏନ୍.ଏ.)**

ଶିଶୁଟିକୁ ଭବିଷ୍ୟତରେ ଉତ୍ତମ ନାଗରିକ ଭାବେ ଗଢି ତୋଳିବାକୁ ହେଲେ ଉତ୍ତମ ପରିବେଶର ଆବଶ୍ୟକତା ରହିଛି। ଏହାସହିତ ସେମାନଙ୍କ ପ୍ରାଥମିକ ଶିକ୍ଷା ଦିଗରେ ମାତାପିତା ସମ୍ପୂର୍ଣ୍ଣ ଭାବେ ଗୁରୁତ୍ୱ ପ୍ରଥମ ଦେବା ଆବଶ୍ୟକ ବୋଲି ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ ଅନୁଷ୍ଠିତ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ହାରାମଣି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସାହୁଙ୍କ ସମେତ ବିଡିଓ ଦିଲିପ କୁମାର ଷଡଙ୍ଗୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରଭାତ ଦାଶ, ଅତିରିକ୍ତ ବିଡିଓ ପ୍ରଦୀପ୍ତ କୁମାର ନାୟକ, ବ୍ଲକ ସମାଜମଙ୍ଗଳ ଅଧିକାରୀ ତପନଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ଶ୍ରମିକ, ବାଲ୍ୟବିବାହ, ଶିଶୁ ଚାଲଣ, ଯୌନ ନିର୍ଯାତନା ନିରୋଧ କରିବା ଦିଗରେ ପ୍ରତ୍ୟେକ ନାଗରିକ କାର୍ଯ୍ୟ କରିବା ଆବଶ୍ୟକ। ଏହାସହିତ ପାଖପଡିଶାଙ୍କୁ ସଚେତନ କରିବା ଦିଗରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିଶୁଟିର ଠିକ ଯତ୍ନ ନେବା ଓ ପୁଷ୍ଟିକର ଖାଦ୍ୟ ଦିଗରେ ମଧ୍ୟ ପରିବାର ଲୋକେ ଗୁରୁତ୍ୱ ଦେବା ଆବଶ୍ୟକ, ଏତଦ ସହିତ ଦଳିତ, ନିଷ୍ପେସିତ, ଅବହେଳିତମାନଙ୍କୁ ଶିଶୁ ଆଇନ, ଶିଶୁ ଯତ୍ନ ଦିଗରେ ଆଜିର ଶିକ୍ଷିତ ଯୁବପିଢି ସଚେତନ କରାଇବା ପାଇଁ ସିଡିପିଓ ନାୟକ ଆହ୍ୱାନ ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରିଥିବା କିଶୋରୀମାନେ ବକ୍ତୃତା ଓ ସଂଗୀତ ମାଧ୍ୟମରେ ସଚେତନ କରିଥିଲେ।

## ସଂକ୍ଷେପରେ

### ୨୫୦ ଆଦିବାସୀ ଯୁବ ସ୍ୱେଚ୍ଛାସେବୀଙ୍କ କୋଣାର୍କ ପରିଭ୍ରମଣ

କୋଣାର୍କ, ୨୮।୩(ଡି.ଏନ୍.ଏ.): ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟଦ୍ୱାରା ପରିଚାଳିତ ନେହରୁ ଯୁବକେନ୍ଦ୍ର, ପୁରୀ ଓ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟଙ୍କ ମିଳିତ ଆନୁକୂଲ୍ୟରେ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ସୋମବାର ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛତିଶଗଡ ଓ ଝାଡଖଣ୍ଡ ରାଜ୍ୟର ୨୫୦ଜଣ ଆଦିବାସୀ ଯୁବ ସ୍ୱେଚ୍ଛାସେବୀ ସୂର୍ଯ୍ୟମନ୍ଦିର ପରିଭ୍ରମଣ କରି ସେଠାର କଳା ସଂସ୍କୃତି ଓ ଐତିହ୍ୟ ଉପରେ ପର୍ଯ୍ୟବସିତ କଳାକୃତି ବୁଲି ଦେଖିଥିଲେ। ଏହି ପ୍ରତିନିଧି ଦଳକୁ ଫ୍ରେଣ୍ଡସ୍ କ୍ଲବ ଓ ବସନ୍ତ ମଞ୍ଜରୀ ପାଠାଗାରର କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଯୁବ ବିନିମୟ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପ୍ରତିନିଧି ଦଳ ଓଡ଼ିଶାର ଐତିହ୍ୟ, ଖାଦ୍ୟପେୟ ଓ ସାଂସ୍କୃତିକ ବିକାଶର ଆଦାନପ୍ରଦାନ ସହ ନିଜ ଅଞ୍ଚଳର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟଠାରେ ପରିବେଷଣ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମ ସହ ସଂଶ୍ଲିଷ୍ଟ ହୋଇଥିବା ନେହରୁ ଯୁବ କେନ୍ଦ୍ର ନିର୍ଦ୍ଦେଶକ ବୀରେନ୍ଦ୍ର ଖେତ୍ରି ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଖେତ୍ରି, ଉପନିର୍ଦ୍ଦେଶକ ବିପି ଶାହା, ପୁରୀ ଜିଲା ନେହେରୁ ଯୁବକେନ୍ଦ୍ର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ନିରଞ୍ଜନ ତ୍ରିପାଠୀ, ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ, ଶୁଭ୍ରାଂଶୁ ସେଠୀ ଓ ପ୍ରିୟ ରଥ ପ୍ରମୁଖ ଉପସ୍ଥିତ ରହି ପ୍ରତିନିଧି ଦଳକୁ ସମ୍ବର୍ଦ୍ଧନା ଦେଇଥିଲେ।

### 'ଏବେ ନୁହେଁ ତ କେବେ ନୁହେଁ' ମଞ୍ଚସ୍ଥ

ପୁରୀ ଅଫିସ, ୨୮।୩: ବିଶ୍ୱ ନାଟ୍ୟ ଦିବସର ଦ୍ୱିତୀୟ ଦିବସରେ ସୋମବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପୁରୀ ଆର୍ଟିଷ୍ଟ ଆସୋସିଏଶନ୍ ପକ୍ଷରୁ ନାଟକ 'ଏବେ ନୁହେଁ ତ କେବେ ନୁହେଁ' ମଞ୍ଚସ୍ଥ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରିହର ହୋତା ଏବଂ ବରେଣ୍ୟ ଅତିଥି ଭାବେ ବରିଷ୍ଠ ସେବାୟତ ତଥା ଗୋପାଳ ଚନ୍ଦ୍ର ଖୁଣ୍ଟିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସେବାୟତ ଭଗବାନ ମହାସୁଆର, ଅନୁଷ୍ଠାନର ମାର୍ଗଦର୍ଶକ ତଥା ପ୍ରୟାସ ଟିଭି ପରିଚାଳନା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମିଶ୍ର, ସାମାଜିକ କର୍ମୀ ଅନିରୁଦ୍ଧ ରାଉତ ଓ ପ୍ରସନ୍ନ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ବିକାଶ ଦତ୍ତ ଓ ସମ୍ପାଦକ ରାମକୃଷ୍ଣ ମହାପାତ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀ ମନୀଷା ମହାନ୍ତି, ନିର୍ଦ୍ଦେଶକ ରବି ତ୍ରିପାଠୀ ଏବଂ ଭରତ ନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସଭା ପରେ ହରିହର ମିଶ୍ରଙ୍କ ରଚିତ ଓ ଭରତ ନାୟକଙ୍କ ନିର୍ଦ୍ଦେଶିତ ନାଟକ 'ଏବେ ନୁହେଁ ତ କେବେ ନୁହେଁ' ମଞ୍ଚସ୍ଥ ହୋଇଥିଲା। ଏହି ନାଟକରେ ବିକାଶ ଦତ୍ତ, କାର୍ତ୍ତିକେଶ୍ୱର ଖଟେଇ, ସମୀର ଆଚାର୍ଯ୍ୟ, ବିଭୂତି ଭୂଷଣ ମିଶ୍ର, ସଞ୍ଜୟ, ଗିରୀଶ କୁମାର, ଆଶୁତୋଷ, ବିଦ୍ୟାଧର, ନିରଞ୍ଜନ, ମମତା, ନିତୁ ପ୍ରିୟଦର୍ଶିନୀ ପ୍ରମୁଖ ଅଭିନୟ କରିଥିଲେ।

## 'ତାଲିକାରେ ନୂତନ ହିତାଧିକାରୀଙ୍କ ନାମ ସାମିଲ କର'

**ସାକ୍ଷୀଗୋପାଳ, ୨୮।୩(ଡି.ଏନ୍.ଏ.):**

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥ ଶର୍ମାଙ୍କ ଅଧ୍ୟକ୍ଷତାରେ ସତ୍ୟବାଦୀ ପଞ୍ଚାୟତ ସମିତି ସଭା ଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ଲକ ଅଧକ୍ଷ ସୁନୀଲ ପଣ୍ଡା, ଉପାଧକ୍ଷା ନିବେଦିତା ପାତ୍ର, ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ବିଡିଓ କ୍ଷୀରୋଦ ବେହେରା, ସହକାରୀ ଯନ୍ତ୍ରୀ ବିଶ୍ୱମୋହନ ପଟ୍ଟନାୟକ, ଏପିଓ ସନ୍ତୋଷ ନାୟକ, ଏମ୍‌ଆଇ ଜୟନ୍ତୀ ହରିଚନ୍ଦନ, କନିଷ୍ଠଯନ୍ତ୍ରୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଗ୍ରାମ ରୋଜଗାର ସେବକମାନେ ଉପସ୍ଥିତ ଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ରୋଜଗାର ଯୋଜନାରେ ୨୦୨୦-୨୧ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ୪୩୪୪ଟି ପ୍ରକଳ୍ପରୁ ୧୨୯୭ଟି କାର୍ଯ୍ୟ ଶେଷ ହୋଇଛି। ଏ ବାବଦରେ ମୋଟ ୮ କୋଟି ୨୬ ଲକ୍ଷ ୭୪ ହଜାର ଟଙ୍କା ବ୍ୟୟ କରାଯାଇଛି। ୨ ଲକ୍ଷ ୯୫ ହଜାର ୯୯ ଶ୍ରମ ଦିବସ ସୃଷ୍ଟି କରି ୮ ହଜାର ୭୮୦ ଜଣ ହିତାଧିକାରୀଙ୍କୁ କାମ ଯୋଗାଇ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୯୯ ଜଣ ଶହେଦିନ ଉପାର୍ଜନକ୍ଷମ ହୋଇଛନ୍ତି ବୋଲି ସମୀକ୍ଷାରୁ ଜଣାପଡିଛି। ସମସ୍ତ କାର୍ଯ୍ୟର ସମୀକ୍ଷ କରାଯାଇ ଆସନ୍ତା ସପ୍ତାହରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମୃତ ବ୍ୟକ୍ତିଙ୍କ ନାଁ ହଟାଇ ନୂତନ ହିତାଧିକାରୀଙ୍କୁ ସାମିଲ କରିବାକୁ ଯୋଗାଣ ନିରୀକ୍ଷକ ଜୟନ୍ତୀ ହରିଚନ୍ଦନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମୃତବ୍ୟକ୍ତିଙ୍କ ଚିଠା ତାଲିକା ପ୍ରସ୍ତୁତି ପାଇଁ ଆଶା କର୍ମୀଙ୍କୁ ସ୍ଥିର କରାଯାଇଥିଲା। ଏହା ସହିତ ପାନୀୟ ଜଳ, ପରିମଳ, କୃଷି, ଉଦ୍ୟାନ କୃଷି, ଗ୍ରାମୀଣ ଗୃହ ନିର୍ମାଣ, ବନୀକରଣ ଆଦି ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା।



ଭକ୍ତଙ୍କୁ ନେଇ ରଥଯାତ୍ରା କରିବା ପାଇଁ ପୁରୀ ଆକ୍ଟିଭିଷ୍ଟ ଅଫ୍ ଟୁଇଟର ଆସୋସିଏଶନ ପକ୍ଷରୁ ସୋମବାର ଜିଲାପାଳ ସମର୍ଥ ବର୍ମାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି ।

## 'ଅଦିନିଆ ରଥଯାତ୍ରା ବନ୍ଦ ପାଇଁ ଆଇନ ହେଉ'

**ପୁରୀ ଅଫିସ, ୨୮।୩:**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ୍ ଅଧୀନ ଏକଘରିଆ ଗ୍ରାମର ଶରଣଶ୍ରୀକ୍ଷେତ୍ରରେ ଅଦିନିଆ ବନଯାଗ ଯାତ୍ରା ଓ ନବକଳେବର ପରମ୍ପରାକୁ ନେଇ ଦଇତାପତି ନିଯୋଗ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ଏଭଳି ପରମ୍ପରା ବିରୋଧୀ କାର୍ଯ୍ୟ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସାରଥିଙ୍କ ଭଳି ଏ ଜଣେ ବାବା। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ଗିରଫ କରାଯିବା ସହ ମଠକୁ ସିଜ୍ କରାଯାଉ। ଯାହା ଫଳରେ ଅନ୍ୟ କୌଣସି ସ୍ଥାନରେ ଏଭଳି ଜଗନାଥ ପରାମ୍ପରା ଓ ରୀତିନୀତି କାର୍ଯ୍ୟକଳାପ ଦେଖିବାକୁ ମିଳିବନାହିଁ। ମହାପ୍ରଭୁଙ୍କ ନୀତି ଓ ବିଧିରେ ବ୍ୟତିକ୍ରମ ଆଦୌ ଗ୍ରହଣଯୋଗ୍ୟ ନୁହେଁ। ଗଜପତି, ମୁଦିରସ୍ତ, ବିଶ୍ୱାବସୁ ଓ ଦଇତାପତିଙ୍କ ବିନା ଏଭଳି କାର୍ଯ୍ୟ କିଭଳି ହେଲା ଓ କିଏ ଅନୁମତି ଦେଲା ତାହା ଜଣାନ୍ତୁ। ନିଜ ମନ ମୁତାବକ କାର୍ଯ୍ୟ କରାଯାଇ ପାରିବ ନାହିଁ। ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଦିଗରେ ଧ୍ୟାନ ଦିଅନ୍ତୁ। ସାରା ବିଶ୍ୱରେ ଯେଉଁଠି ରଥଯାତ୍ରା ହେବ ତାହା ଶ୍ରୀମନ୍ଦିର ନୀତି ନିୟମ ଆଧାରରେ ହେବା ଆବଶ୍ୟକ। ଯେକେହି ନିଜ ଇଚ୍ଛାରେ ଦିନ ସ୍ଥିର କରି ରଥଯାତ୍ରା କରିପାରିବେ ନାହିଁ। ଅସମୟରେ ଓ ରୀତିନୀତିକୁ ଭାଙ୍ଗି ମହାପ୍ରଭୁଙ୍କ ନୀତି ପାଳନ କରା ନ ଯାଉ। ରାଜ୍ୟ ସରକାର ଏ ନେଇ ସ୍ୱତନ୍ତ୍ର ଆଇନ ପ୍ରଣୟନ କରନ୍ତୁ। ଏକ ନିର୍ଦ୍ଦିଷ୍ଟ ଦିନରେ ରଥଯାତ୍ରା ହେଉ। ଅନ୍ୟପକ୍ଷରେ ଯେଉଁ ଶ୍ରୀମନ୍ଦିର ସେବାୟତ ଢେଙ୍କାନାଳ ଶରଣଶ୍ରୀକ୍ଷେତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ସେମାନଙ୍କ ନିଯୋଗଗୁଡ଼ିକୁ ଦଇତାପତି ନିଯୋଗ ଲିଖିତ ଭାବେ ଅଭିଯୋଗ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିବ ବୋଲି ରାମକୃଷ୍ଣ କହିଛନ୍ତି।

## ସ୍ୱର୍ଗଦ୍ୱାର ପଞ୍ଜୀକରଣ କେନ୍ଦ୍ରରେ ଗଣ୍ଡଗୋଳ

**ପୁରୀ ଅଫିସ, ୨୮।୩:**

ସ୍ୱର୍ଗଦ୍ୱାରରେ ଶବଦାହକୁ ନେଇ ସୋମବାର ତୁମୁଳ କାଣ୍ଡ ଦେଖିବାକୁ ମିଳିଛି। ସନ୍ଧ୍ୟାରେ ବ୍ରହ୍ମଗିରି କୋଠସାହି ଗ୍ରାମର ବିବେକ କୁମାର ପାତ୍ର(୩୧)ଙ୍କ ମରଶରୀରକୁ ସ୍ୱର୍ଗଦ୍ୱାରକୁ ଅଣାଯାଇଥିଲା। ତେବେ ସ୍ୱର୍ଗଦ୍ୱାର ସେବା ସମିତିର କର୍ମଚାରୀମାନେ ମୃତକଙ୍କ ପରିବାର ଲୋକଙ୍କୁ ପ୍ରଥମେ ହରିଶ୍ଚନ୍ଦ୍ର ଯୋଜନା କିମ୍ବା ନିଜ ଅର୍ଥରେ ଶବଦାହ ମଧ୍ୟରୁ ଗୋଟିଏ ବିକଳ୍ପ ବାଛିବାକୁ କହିଥିଲେ। ସମ୍ପର୍କୀୟମାନେ ନିଜ ଅର୍ଥରେ ଶବଦାହ କରିବେ ବୋଲି କହିବା ପରେ ସେହି ଅନୁଯାୟୀ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ମୃତକଙ୍କ ସହ ଆସିଥିବା ଅନ୍ୟ କେତେଜଣ ବ୍ୟକ୍ତି ପଞ୍ଜୀକରଣ କେନ୍ଦ୍ରରେ ପହଞ୍ଚି ଗାଳିଗୁଲଜ କରିବା ସହ କର୍ମଚାରୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ସ୍ୱର୍ଗଦ୍ୱାର କର୍ମଚାରୀମାନେ ପୁରୀ ସମୁଦ୍ରକୂଳ ଥାନାକୁ ଜଣାଇଥିଲେ। ଏହି ସମୟରେ ଉତ୍ୟକ୍ତ ଲୋକେ ପଞ୍ଜୀକରଣ କେନ୍ଦ୍ର କାଉଣ୍ଟର ପାଖ ଗୃହ କବାଟକୁ ଭାଙ୍ଗିଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତିନିଜଣଙ୍କୁ ଥାନାକୁ ନେଇ ଅଟକ ରଖିଥିବା ବେଳେ ପରେ ସେମାନଙ୍କଠାରୁ ଲିଖିତ ଅଣ୍ଡରଟେକିଂ ନେଇ ଛାଡ଼ିଥିଲା। ଅନ୍ୟପକ୍ଷରେ ସ୍ୱର୍ଗଦ୍ୱାର ସେବା ସମିତି ପକ୍ଷରୁ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ଦିଆଯାଇନାହିଁ। ସ୍ୱର୍ଗଦ୍ୱାର ସେବା ସମିତିର ସଦସ୍ୟ ସିଦ୍ଧାର୍ଥ ରାୟ କହିଛନ୍ତି, ଆଇନ ଅନୁଯାୟୀ ଜଣେ ବ୍ୟକ୍ତି ଶବଦାହ ପାଇଁ ଆସିଲେ ସେମାନଙ୍କୁ ହରିଶ୍ଚନ୍ଦ୍ର ଯୋଜନା ଓ ସ୍ୱାଭାବିକ ଶବଦାହ ମଧ୍ୟରୁ ଗୋଟିଏ ବିକଳ୍ପ ବାଛିବାକୁ ପଡ଼େ। ମାତ୍ର ସଂପୃକ୍ତ ବ୍ୟକ୍ତିମାନେ ବାରମ୍ବାର କଥା ବଦଳାଇଥିଲେ ଓ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ସ୍ୱର୍ଗଦ୍ୱାର ଏକ ଶାନ୍ତ ଓ ଦୁଃଖଦ ପରିବେଶର ସ୍ଥାନ ହୋଇଥିବାରୁ ଏଠାରେ ପାଟିତୁଣ୍ଡ ଏବଂ ଗଣ୍ଡଗୋଳ କରିବା ଶୋଭନୀୟ ନୁହେଁ।

## ବ୍ଲକ ଉପାଧ୍ୟକ୍ଷଙ୍କ ଗୃହ ପ୍ରବେଶ, ଆସିଲେନି ଅଧ୍ୟକ୍ଷା

**ଗୋପ, ୨୮।୩(ଡି.ଏନ୍.ଏ.)**

ଗୋପ ବ୍ଲକରେ ମିଳିତ ମଞ୍ଚ ପକ୍ଷରୁ ନୂତନ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ ସୋମବାର କାର୍ଯ୍ୟାଳୟରେ ପ୍ରବେଶ କରିଛନ୍ତି। ହେଲେ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟାଳୟକୁ ନ ଆସିବା ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରକାଶ ଯେ, ପଞ୍ଚାୟତ ନିର୍ବାଚନରେ ବ୍ଲକରେ ଥିବା ୩୧ଟି ପଞ୍ଚାୟତରେ ୮୦ ଭାଗରୁ ଅଧିକ ସଂଖ୍ୟକ ସିଟ୍ ଦଖଲ କରିଥିଲା ଶାସକ ଦଳ। ଗତ ୧୨ ତାରିଖ ବ୍ଲକ ଅଧକ୍ଷା ପଦ ନିର୍ବାଚନରେ ୨୬ରୁ ଉର୍ଦ୍ଧ୍ୱ ସମିତି ସଭ୍ୟ ସଭ୍ୟାଙ୍କୁ ନେଇ ଶାସକ ଦଳ ପକ୍ଷରୁ ଗଣେଶ୍ୱରପୁର ପଞ୍ଚାୟତର ସମିତି ସଭ୍ୟା ଝୁନୁ ମଲ୍ଲିକ ନିର୍ଦ୍ୱନ୍ଦ୍ୱରେ ଅଧକ୍ଷା ପଦ ପାଇଥିଲେ। ପରେ ଉପାଧକ୍ଷ ପଦବୀକୁ ମଧ୍ୟ ଶାସକ ଦଳ ନେବ ବୋଲି ଚର୍ଚ୍ଚା ଜୋର ଧରିଥିଲା। କିନ୍ତୁ ଶାସକ ଦଳର ସବୁ ହିସାବକୁ ପଛରେ ପକାଇ ଗତ ୨୩ ତାରିଖରେ ବ୍ଲକରେ ଅନୁଷ୍ଠିତ ଉପାଧକ୍ଷ ନିର୍ବାଚନରେ କଂଗ୍ରେସ ସମର୍ଥିତ ପୟରା ପଞ୍ଚାୟତର ସମିତି ସଭ୍ୟ ବନରଞ୍ଜନ ପଟ୍ଟନାୟକ ୧୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଶାସକ ଦଳର ପ୍ରାର୍ଥୀ ହୋଇଥିବା ସୁତନ ପଞ୍ଚାୟତର ସମିତି ସଭ୍ୟ କାଶୀନାଥ ନାୟକ ୧୪ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ଉପାଧକ୍ଷ ପଦବୀ ପରାଜିତକୁ ନେଇ ଶାସକ ଦଳ ମଧ୍ୟରେ ଟଣାଓଟରା ଲାଗି ରହିଥିବାବେଳେ ବ୍ଲକ ସଭାପତି ଇସ୍ତଫା ଦେବା ପର୍ଯ୍ୟନ୍ତ କଥାଯାଇଥିଲା। ଏହି ବ୍ଲକରେ ଶାସକ ଦଳ ନେତାଙ୍କ ବିବାଦ ଯୋଗୁ ପ୍ରାୟ ସମୟରେ ଏପରି ଅବସ୍ଥା ସୃଷ୍ଟି ହେଉଥିବା କୁହାଯାଉଛି।

## ଗୁରୁଭକ୍ତ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

**କାକଟପୁର, ୨୮।୩(ଡି.ଏନ୍.ଏ.):**

ପ୍ରାଚୀ ଗୁରୁଧର୍ମ କ୍ଷେତ୍ରରେ ୫୬ତମ ବାର୍ଷିକ ଗୁରୁଭକ୍ତ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଶ୍ରମ ମୁଖ୍ୟ ବାବାଜୀ ଦାମୋଦର ଦାସ ସଭାପତିତ୍ୱ କରିଥିଲେ। ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଆଶ୍ରମରେ ଗୁରୁଭକ୍ତ ସମ୍ମିଳନୀ ଆୟୋଜନ ନେଇ ଆଲୋଚନା ହୋଇଥିଲା। ଡ. ରତ୍ନାକର ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମେ ୩ତାରିଖ ଅକ୍ଷୟ ତୃତୀୟାରୁ ୩ଦିନ ଧରି ସମ୍ମିଳନୀ ଅନୁଷ୍ଠିତ ହେବ। ବୈଠକରେ ବାବାଜୀ ବିବେକାନନ୍ଦ ଦାସ, ପୂର୍ଣ୍ଣାନନ୍ଦ ଦାସ, ପ୍ରୀତିରଞ୍ଜନ ଦାସ, ବିନୋଦିନୀ ଦାସ, ରାଜକିଶୋର ସାହୁ ଏବଂ ସୁରେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ ବର୍ଷ ହେଲା ମିଳୁନି ଅନୁକମ୍ପା ରାଶି

**ପୁରୀ ଅଫିସ, ୨୮।୩:**

**ପୁଅ ସହ ଅନଶନରେ ବସିଲେ ସଂଯୁକ୍ତା**

ସ୍ୱାମୀଙ୍କ ମୃତ୍ୟୁ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନୁକମ୍ପା ରାଶି ପ୍ରଦାନ କରିବାକୁ ଗୁହାରି ଜଣାଇ ପୁରୀ ଜିଲା ସାକ୍ଷୀଗୋପାଳ ହାଟସାହିର ସଂଯୁକ୍ତା ମହାନ୍ତି ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଯୁକ୍ତା ଓ ତାଙ୍କ ପୁତ୍ର ଧାରଣା ଦେବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସଂଯୁକ୍ତା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ତାଙ୍କ ସ୍ୱାମୀ ସ୍ୱର୍ଗତ ପର୍ଶୁରାମ ମହାନ୍ତି କଟକ ଅବକାରୀ ବିଭାଗରେ ଚାକିରି କରୁଥିଲେ। ୨୦୦୪ରେ ଘର କାମ କରୁଥିବାବେଳେ କାନ୍ଥ ପଡ଼ି ଗୁରୁତର ଭାବେ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ମାତ୍ର ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ନ ଆସିବାରୁ କଟକ ଏସ୍‌ସିବିକୁ ଏକ ସରକାରୀ ଆମ୍ବୁଲାନ୍ସରେ ତାଙ୍କୁ ପଠାଯାଉ ଥିବାବେଳେ ଚାଳକଙ୍କ ଅସାବଧାନତା ଯୋଗୁ ହଂସପାଳ ନିକଟରେ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ପୋଲିସ୍ ଏକ ମାମଲା ରୁଜୁ କରି ଏମ୍‌ଏସିଟି ନ୍ୟାୟାଳୟକୁ ଯିବାରୁ ସେଠାରେ ଗାଡ଼ିର କାଗଜପତ୍ର ଠିକ୍ ନ ଥିବା ଜଣାପଡ଼ିଥିଲା। ତେଣୁ ସ୍ୱାମୀଙ୍କ ଦୁର୍ଘଟଣାଜନିତ କ୍ଷତିପୂରଣ ବାବଦକୁ ୯ ଲକ୍ଷ ୭୭ ହଜାର ଟଙ୍କା ଗାଡ଼ି ମାଲିକ ଦେବାକୁ ପୁରୀ ଜିଲାପାଳ ତଥା ଲଜିଙ୍ଗ୍ ହାଉସ୍ ଫଣ୍ଡ ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏହି ରାଶି ଯେତେଦିନ ପର୍ଯ୍ୟନ୍ତ ଦିଆଯାଇ ନ ଥିବ ସେତେଦିନ ପର୍ଯ୍ୟନ୍ତ ୭ ପ୍ରତିଶତ ସୁଧ ସହିତ ଦେବାକୁ ଅଦାଲତ ୨୦୧୨ ମସିହାରେ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ୧୦ ବର୍ଷ ବିତିଯାଇଥିଲେ ହେଁ ଜିଲାପାଳ ଗୁହାରି ଶୁଣୁନାହାନ୍ତି। ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କୁ ଭେଟି ଓ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଯଦି ତୁରନ୍ତ ଅନୁକମ୍ପା ରାଶି ଦିଆ ନ ଯାଏ ତେବେ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବାକୁ ବାଧ ହେବେ ବୋଲି ସଂଯୁକ୍ତା କହିଛନ୍ତି।

## ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବା ଦାବିରେ ଧାରଣା

**ନିମାପଡ଼ା, ୨୮।୩(ଡି.ଏନ୍.ଏ.)**

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏପ୍ରିଲ ୫ରେ ଯୁକ୍ତ ୩ଶ୍ରେଣୀର ପ୍ରଥମ ସେମିଷ୍ଟାର ପରୀକ୍ଷା ହେବାକୁ ଯାଉଛି। ତେବେ କ୍ଲାସକୋର୍ସ ଠିକ୍ ଭାବେ ସରି ନ ଥିବାବେଳେ ଏଭଳି ତରବରିଆ ପରୀକ୍ଷା କରାଯିବାକୁ ବିରୋଧ କରିବା ସହ ପରୀକ୍ଷା ଘୁଞ୍ଚାଇବା ଦାବିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସୋମବାର କଲେଜର ମୁଖ୍ୟଗେଟ୍‌କୁ ତାଲା ପକାଇ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ କଲେଜ ଅଧକ୍ଷ ରମାକାନ୍ତ ଦାଶ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଅମିତାଭ ଦାଶ, କୃଷ୍ଣଚନ୍ଦ୍ର ସାବୁତ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଉତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିଥିଲେ। କଲେଜ ଅଧକ୍ଷ ଦାଶ ଛାତ୍ରୀଛାତ୍ରଙ୍କ ଦାବିକୁ ସହାନୁଭୂତିର ସହ ବିଚାର କରି ଆସନ୍ତା ୫ତାରିଖରେ ହେବାକୁ ଥିବା ପ୍ରଥମ ସେମିଷ୍ଟାର ପରୀକ୍ଷା ଘୁଞ୍ଚାଯାଇ ଏପ୍ରିଲ ୧୮ରେ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ପରେ ଆନ୍ଦୋଳନରତ ଛାତ୍ରୀଛାତ୍ରମାନେ କଲେଜ ଅଧକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଦୀର୍ଘ ୨ ଘଣ୍ଟା ଧରି ଏହି ଆନ୍ଦୋଳନ ହୋଇଥିଲା। କଲେଜରେ କ୍ଲାସ କରାଯିବାରେ ଅନିୟମିତତା ଓ କୋର୍ସ ସରି ନ ଥିବାରୁ ଏହି ପରୀକ୍ଷା ପାଇଁ ଛାତ୍ରୀଛାତ୍ରମାନେ ପ୍ରସ୍ତୁତ ହୋଇ ନ ଥିବାରୁ ଛାତ୍ରୀଛାତ୍ର ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଅଧକ୍ଷଙ୍କୁ ଅବଗତ କରିଥିଲେ।



ଛାତ୍ରୀଛାତ୍ରମାନେ ନିମାପଡା କଲେଜ ଫାଟକ ଆଗରେ ଧାରଣା ଦେଇଛନ୍ତି ।

## ସଂକ୍ଷେପରେ

### ଟ୍ରାଭେଲ୍ ସଂସ୍ଥାର କାର୍ ଜବତ

**ପେଟ୍ରୋଲ ପମ୍ପରେ ଗୁଳିମାଡ଼ ଘଟଣା**



**ଭୁବନେଶ୍ୱର,୨୮ ।୩ (ବ୍ୟୁରୋ):** ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ଗୋଲେଇ ଛକ ନିକଟ ଏକ ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ କେନ୍ଦ୍ର କରି ଗୁଳିମାଡ଼ ଘଟଣାରେ ପୋଲିସ ଅଭିଯୁକ୍ତ ବ୍ୟବହାର କରିଥିବା ଗୋଟିଏ କାର୍‌କୁ ଜବତ କରିଛି। କ୍ୟାପିଟାଲ୍ ଥାନା ଅଞ୍ଚଳରେ ଥିବା ପାତ୍ର ଟୁର୍‌ସ ଏଣ୍ଡ୍ ଟ୍ରାଭେଲ୍ସରୁ ଅଭିଯୁକ୍ତ ଉକ୍ତ କାର୍‌ଟି ଆଣିଥିଲେ। ଏ ନେଇ ପୋଲିସ ଜଣେ ଯୁବକଙ୍କ ନାମରେ (ନଂ.୧୩୫/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଉକ୍ତ ସଂସ୍ଥାର ରବିବାର ସକାଳେ କାର୍ ଭଡ଼ାରେ ନେଇ ଗଣ୍ଡଗୋଳ ଘଟାଇବା ପରେ ରାତି ୧୧ଟାରେ ଫେରାଇ ଦେଇଥିଲେ। ହେଲେ ଉକ୍ତ ସଂସ୍ଥାରେ ନିଜ ନାଁ ବଦଳରେ କେବଳ ମୋବାଇଲ ନମ୍ବର ଦେଇଥିଲେ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ରବିବାର ରାତିରେ ଝାରପଡ଼ା ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ ବିଭିନ୍ନ ଗାଡ଼ି ଧାଡ଼ିରେ ରହିଥିଲା। ଏହି ସମୟରେ ୨ଯୁବକ ଏକ କାର୍ ନେଇ ଧାଡି ଭାଙ୍ଗି ମଝିରେ ପଶି ଆସି ତେଲ ପକାଇଥିଲା। ଫଳରେ ଧାଡ଼ିରେ ଥିବା ଗ୍ରାହକ ଓ ପେଟ୍ରୋଲ କର୍ମଚାରୀଙ୍କ ସହ ସମ୍ପୃକ୍ତ ଦୁଇ ଯୁବକଙ୍କ ମଧ୍ୟରେ ଝଗଡା ହୋଇଥିଲା। ଉକ୍ତ ଯୁବକଦ୍ୱୟ ତେଲ ପକାଉଥିବା କର୍ମଚାରୀ ସିପୁନ ଖୁଣ୍ଟିଆଙ୍କୁ ଗାଳି କରି ମାଡ଼ ମାରିଥିଲେ। ସେହି ସମୟରେ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ପିସ୍ତଲ ବାହାର କରି ୨ ରାଉଣ୍ଡ୍ ଗୁଳି ଫୁଟାଇବାରୁ ଗୋଟିଏ ଗୁଳି ନିକଟରେ ଥିବା ବିଶ୍ୱଜିତ ବେହେରାଙ୍କ ଗୋଡରେ ବାଜିଥିଲା।

# ମହିଳା ସମ୍ଭାଳିବେ ବିଏମ୍‌ସିର ଶାସନ ଭାର

**ଭୁବନେଶ୍ୱର, ୨୮ ।୩ (ବ୍ୟୁରୋ)**

ରାଜ୍ୟରେ ମହିଳା ସଶକ୍ତୀକରଣକୁ ମୁଖ୍ୟମନ୍ତ୍ରୀ ସର୍ବଦା ଅଗ୍ରାଧିକାର ଦେଇ ଆସିଛନ୍ତି। ଆର୍ଥିକ, ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ମହିଳାମାନେ କିପରି ସଶକ୍ତ ହେବେ ସେଥିପାଇଁ ପଦକ୍ଷେପ ନେଉଛନ୍ତି। ଫଳ ସ୍ୱରୂପ ମହିଳାମାନେ ଘର କୋଣରୁ ବାହାରି ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ, ପ୍ରଶାସନ ଆଦି କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇବା ପରେ ରାଜନୀତି କ୍ଷେତ୍ରରେ ନିଜର ଦୃଢ଼ ଉପସ୍ଥିତି ଜାହିର କରୁଛନ୍ତି। ଏବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନରେ ମଧ୍ୟ ମହିଳା ସଶକ୍ତୀକରଣର ଝଲକ ଦେଖିବାକୁ ମିଳୁଛି। ଉଚ୍ଚ ଶିକ୍ଷିତ ମହିଳାମାନେ ରାଜନୀତିକୁ ଓହ୍ଲାଇଥିବାବେଳେ ଅଧିକାଂଶ ବିଜୟ ମୁକୁଟ ପିନ୍ଧି ଶାସନ ଭାର ସମ୍ଭାଳିବାକୁ ଯାଉଛନ୍ତି।

**ସଶକ୍ତୀକରଣର ଆଉଏକ ଅଧ୍ୟାୟ**

- ମହିଳାଙ୍କ ଦଖଲରେ ୬୧ ପ୍ରତିଶତ ଆସନ
- ମହିଳା ମେୟର, ୪୧ ମହିଳା କର୍ପୋରେଟର

ବିଏମ୍‌ସି ନିର୍ବାଚନରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ଆସନ ସଂରକ୍ଷିତ ଥିଲା। ମୋଟ ୬୭ଟି ୱାର୍ଡ ମଧ୍ୟରୁ ମହିଳାଙ୍କ ପାଇଁ ୩୪ ଆସନ ରହିଥିବାବେଳେ ୬୧ ପ୍ରତିଶତ ଆସନ ମହିଳାଙ୍କ ଦଖଲକୁ ଯାଇଛି। ମୋଟ୍ ୪୧ଟି ୱାର୍ଡରେ ମହିଳା କର୍ପୋରେଟର ନିଜର ପତିଆରା ଜାହିର କରିଛନ୍ତି। ସେମାନଙ୍କ ମଧ୍ୟରେ ବିଜେଡିରୁ ୨୮ଜଣ ମହିଳା କର୍ପୋରେଟର ଥିବାବେଳେ ଭାଜପାରୁ ୭ଜଣ ଓ ସ୍ୱାଧୀନରୁ ୬ଜଣ ମହିଳା ରହିଛନ୍ତି। ମାତ୍ର ୨୬ଜଣ ପୁରୁଷ କର୍ପୋରେଟର ରହିଛନ୍ତି। ୨୦୧୪ ନିର୍ବାଚନରେ ୩୮ଜଣ ମହିଳା କର୍ପୋରେଟର ଥିଲାବେଳେ ମେୟର ଭାବେ ବର୍ତ୍ତମାନ ବିଧାୟକ ଅନନ୍ତ ନାରାୟଣ ଜେନା କାର୍ଯ୍ୟଭାର ତୁଲାଇଥିଲେ। ଚଳିତଥର ଭୁବନେଶ୍ୱର ପ୍ରଥମ କରି ମହିଳା ମେୟର ଭାବେ ସୁଲୋଚନା ଦାସଙ୍କୁ ପାଇଛି। ଅପରପକ୍ଷେ ମହିଳା କର୍ପୋରେଟରଙ୍କ ସଂଖ୍ୟା ଅଧିକ ରହିଥିବାରୁ ମହିଳା ସଶକ୍ତୀକରଣ କ୍ଷେତ୍ରରେ ବିଏମ୍‌ସି ଉଦାହରଣ ସାଜିଛି। ଅଧିକାଂଶ ସ୍ଥାନରେ ମହିଳା ଓ ପୁରୁଷଙ୍କ ପଦବୀ ସମାନ ଥିଲେ ବି ସଂଖ୍ୟା ଗରିଷ୍ଠତା ହେତୁ ପୁରୁଷଙ୍କ ନିଷ୍ପତ୍ତିକୁ ମାନି ନିଆଯାଇ ଥାଏ। ମାତ୍ର ଏଥର ବିଏମ୍‌ସିରେ ମହିଳାମାନେ ସେମାନଙ୍କ ଶକ୍ତିକୁ ଠିକ୍ ଢଙ୍ଗରେ ଅଧିକାର ସହ ପ୍ରମାଣିତ କରିବାକୁ ଯାଉଛନ୍ତି। ସେହିପରି ମେୟର ମହିଳା ହୋଇଥିବାରୁ ମହିଳା କର୍ପୋରେଟରମାନେ ନିଜ ଦାୟିତ୍ୱକୁ ଅତି ସହଜରେ ସମ୍ପାଦନ କରିବାକୁ ସୁଯୋଗ ପାଇ ପାରିବେ। କହିବାକୁ ଗଲେ ବିଏମ୍‌ସିରେ ଏବେ ମହିଳାଙ୍କ ଦବ୍‌ଦବା ଦେଖିବାକୁ ମିଳିବ।

## ବିଜୟ ପ୍ରମାଣପତ୍ର ନେଲେ କର୍ପୋରେଟର




ଅମରେଶ ଜେନା ଓ ପୁଷ୍ପା ରାଉତ ବିଜୟ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨୮ ।୩ (ବ୍ୟୁରୋ)**

ବିଏମ୍‌ସି ନିର୍ବାଚନ ସରିବା ପରେ ଗତ ଶନିବାର ଭୋଟ୍ ଗଣତି ଓ ଫଳାଫଳ ଘୋଷଣା କରାଯାଇଥିଲା। ସନ୍ଧ୍ୟା ସୁଦ୍ଧା ମେୟର ଓ ୬୭ଜଣ କର୍ପୋରେଟର ନିଜର ବିଜୟ ସମ୍ପର୍କରେ ଅବଗତ ହୋଇ ସାରିଥିଲେ। ତେବେ ବିଧିବଦ୍ଧ ଭାବେ ସୋମବାର ସେମାନଙ୍କୁ ବିଜୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମେୟର ସୁଲୋଚନା ଦାସ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏଡିଏମ୍ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କଠାରୁ ପ୍ରମାଣପତ୍ର ନେଇଥିଲେ। ସେହିପରି କର୍ପୋରେଟର ଅମରେଶ ଜେନା, ଆସିୟା ବେଗମ୍, ପ୍ରଭାସିନୀ ମହାନ୍ତି, ରଶ୍ମି ରଞ୍ଜନ ପାଟଶାଣୀ, ପୁଷ୍ପା ରାଉତଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ କର୍ପୋରେଟର ଅତିରିକ୍ତ ଜିଲାପାଳଙ୍କ ଠାରୁ ପ୍ରମାଣପତ୍ର ନେଇଛନ୍ତି।

## ବାପୁଜୀ ନଗରରେ ପ୍ରତିଷ୍ଠା ହେଲା 'ମୋ ସେବା କେନ୍ଦ୍ର'

**ଗୋଟିଏ ଛାତ ତଳେ ମିଳିବ ସରକାରୀ ସୁବିଧା**

**ଭୁବନେଶ୍ୱର, ୨୮ ।୩ (ବ୍ୟୁରୋ)**

ସରକାରୀ ସେବା ତଥା କାର୍ଯ୍ୟ ପାଇଁ ରାଜଧାନୀବାସୀଙ୍କୁ ଆଉ ସରକାରୀ କାର୍ଯ୍ୟାଳୟକୁ ଯିବାକୁ ପଡିବ ନାହିଁ। ଗୋଟିଏ ଛାତ ତଳେ ସେମାନେ ବିଭିନ୍ନ ସରକାରୀ କାର୍ଯ୍ୟକୁ ସୁବିଧାରେ ସମ୍ପାଦନ କରି ପାରିବେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଓ ରାଜ୍ୟ ଆଇଟି ବିଭାଗ ପକ୍ଷରୁ 'ମୋ ସେବା କେନ୍ଦ୍ର' ସ୍ଥାପନ କରାଯାଇଛି। ବାପୁଜୀ ନଗରସ୍ଥିତ ଇଣ୍ଟିଗ୍ରେଟେଡ୍ ପବ୍ଲିକ ସର୍ଭିସ ସେଣ୍ଟରରେ ଏହି କେନ୍ଦ୍ର ପ୍ରତିଷ୍ଠା ହୋଇଛି। ସହରରେ 'ମୋ ସେବା କେନ୍ଦ୍ର' ପ୍ରତିଷ୍ଠା ପାଇଁ ବିଏସ୍‌ସିଏଲ, ଆଇଟି ବିଭାଗ ଏବଂ 'ସହଜ' ସହିତ ଏକ ତ୍ରିପାକ୍ଷିକ ଚୁକ୍ତିନାମା କରାଯାଇଛି। ଏହି କେନ୍ଦ୍ର ସ୍ଥାନୀୟ ଜନସାଧାରଣଙ୍କୁ ବିଭିନ୍ନ ସରକାରୀ ବିଭାଗ, ଅତ୍ୟାବଶ୍ୟକ ଜନସାଧାରଣ ଉପଯୋଗୀ ସେବା, (ଏକାଧିକ-ସେବା-ଏକକ-ପଏଣ୍ଟ ମଡେଲ) ସହିତ ସଂଯୋଗ କରିବା ଦିଗରେ ସେବା ପ୍ରଦାନ କରିବ। ଲୋକମାନେ ବର୍ତ୍ତମାନ ବିଦ୍ୟୁତ ଏବଂ ଜଳ ବିଲ, ଅତ୍ୟାବଶ୍ୟକ ପ୍ରମାଣପତ୍ର ହାସଲ କରିବା, ଟିକସ ଦେବା ଏବଂ ଅନ୍ୟାନ୍ୟ ଜନସେବା ପାଇଁ ନିକଟବର୍ତ୍ତୀ ମୋ ସେବା କେନ୍ଦ୍ର ପରିଦର୍ଶନ କରିପାରିବେ। ବିଏମ୍‌ସି କମିଶନର ତଥା ବିଏସସିଏଲ ସିଇଓ ସଞ୍ଜୟ କୁମାର ସିଂହଙ୍କ ଉଦ୍ୟମରେ ଏହି ଯୋଜନାର ପରିକଳ୍ପନା କରାଯାଇଛି।



ଓଡ଼ିଶା ଷ୍ଟେଟ୍ ଭାରତ ସ୍କାଉଟ୍‌ସ୍ ଆଣ୍ଡ ଗାଇଡସ୍ ପକ୍ଷରୁ 'ରୋଭର ରେଞ୍ଜର ଫିଏଷ୍ଟା'ର ସୋମବାର ଉଦ୍‌ଘାଟନ ସମାରୋହରେ ଛାତ୍ରୀଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକୀର୍ତ୍ତନୀୟାଙ୍କ ସହାୟତା ରାଶି ୫ ହଜାର ଟଙ୍କାକୁ ବୃଦ୍ଧି ଦାବି

**ଭୁବନେଶ୍ୱର,୨୮ ।୩(ବ୍ୟୁରୋ)**

କଳକାର ସହାୟତା ଯୋଜନାରେ ଢେଙ୍କାନାଳ ଓ ଅନୁଗୋଳ ଜିଲାର ଓଡ଼ିଶା ପ୍ରଜା ସଂଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସଂଗଠନର କର୍ମକର୍ତ୍ତା ଓ ଉପରୋକ୍ତ ୨ଟି ଜିଲାରୁ ଆସିଥିବା ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସୋମବାର ମାଷ୍ଟରକ୍ୟାଣ୍ଟିନଠାରୁ ଲୋୟର ପିଏମ୍‌ଜି ପର୍ଯ୍ୟନ୍ତ ସଂକୀର୍ତ୍ତନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିଜ ଦାବି ବିଷୟରେ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର ଢେଙ୍କାନାଳ ଓ ଅନୁଗୋଳ ଜିଲା ଦ୍ୱୟର କୋଟା ସଂଖ୍ୟା ୪ ହଜାର ଲେଖାଏକୁ ବୃଦ୍ଧି, ପ୍ରତ୍ୟେକଙ୍କୁ ମାସକୁ ୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ ଓ କଳାକାର ସହାୟତା ଯୋଜନାରେ ଆବେଦନ କରିବା ବୟସ ୩୦ବର୍ଷକୁ ହ୍ରାସ କରିବା ଆଦି ଦାବି ପ୍ରଜା ସଂଗଠନ ସମିତି ପକ୍ଷରୁ କରାଯାଇଛି। ସମିତର ରାଜ୍ୟ ଅଧ୍ୟକ୍ଷ ଇଞ୍ଜିନିୟର ଦେବାଶିଷ ହୋତାଙ୍କ ନେତୃତ୍ୱରେ ସୋମବାର ଉଭୟ ଜିଲାରୁ ଶତାଧିକ ସଂକୀର୍ତ୍ତନ ମଣ୍ଡଳୀ ଆସିଥିଲେ।

## ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀଙ୍କ ପାଇଁ ଚିକିତ୍ସା ଶିବିର

**ଭୁବନେଶ୍ୱର, ୨୮ ।୩ (ବ୍ୟୁରୋ):** ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ଓ ମ୍ୟାଟେରିଆଲ୍ ରିକଭରି ଫ୍ୟାସିଲିଟି (ଏମ୍‌ଆର୍‌ଏଫ୍)ରେ ନିୟୋଜିତ ଥିବା ସ୍ୱଚ୍ଛକର୍ମୀ ଓ ସ୍ୱଚ୍ଛସାଥୀଙ୍କ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାରଠାରୁ ସ୍ୱାସ୍ଥ୍ୟ ଶିବିର ଆରମ୍ଭ ହୋଇଛି। କମିଶନର ସଞ୍ଜୟ କୁମାର ସିଂହଙ୍କ ଅନୁମୋଦନକ୍ରମେ ସମସ୍ତ ୩ ଜୋନ୍‌ରେ ୩ ଦିନ ଧରି ଏହି ଶିବିର ପ୍ରତ୍ୟେହ ଅପରାହ୍ନ ୨ଟରୁ ୫ଟା ପର୍ଯ୍ୟନ୍ତ ଚାଲିବ। ବିଏମ୍‌ସି ସହିତ ସଂଯୁକ୍ତ ହୋଇ ଏହି ଶିବିରକୁ ସେଣ୍ଟ୍ରାଲ୍ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନିଂ ଇନ୍‌ଷ୍ଟିଚ୍ୟୁଟ୍ ଲିମିଟେଡ୍ (ସିଏମ୍‌ପିଡ଼ିଆଇ) ଆୟୋଜନ କରିଛି। ଦକ୍ଷିଣ-ପୂର୍ବ ଜୋନ୍ ପାଇଁ ବଡ଼ଗଡ଼ କଲ୍ୟାଣ ମଣ୍ଡପ, ଦକ୍ଷିଣ ପଶ୍ଚିମ ଜୋନ୍ ପାଇଁ ୟୁନିଟ୍-୮ କମ୍ୟୁନିଟି ସେଣ୍ଟର ଏବଂ ଉତ୍ତର ଜୋନ୍ ପାଇଁ ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପରେ ଶିବିର ଆୟୋଜନ କରାଯାଇଛି। ପ୍ରଥମ ଦିନରେ ଶିବିରରେ ୬୦ରୁ ଊର୍ଦ୍ଧ୍ୱ ସ୍ୱଚ୍ଛକର୍ମୀ ଏବଂ ସ୍ୱଚ୍ଛସାଥୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଏସ୍ ବି. ପଣ୍ଡା, ଭେଷଜ ବିଶେଷଜ୍ଞ ସିଏମ୍‌ପିଡିଆଇର ଡା. ଓମ୍ ପ୍ରକାଶ, ଡା. ଅର୍ପିତା ଶୁଭଦର୍ଶିନୀଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନେ ଲେଖିଥିବା ଔଷଧ ମାଗଣାରେ ଯୋଗାଇ ଦିଆଯାଉଛି। ଜୋନାଲ ଡେ଼ପୁଟି କମିଶନର ମହେନ୍ଦ୍ର କୁମାର ବଡେଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଜୋନ୍ ସ୍ତରୀୟ ଶିବିରର ଆୟୋଜନ କରାଯାଇଛି।

## ଶ୍ରୀମା, ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଛାତ୍ରୀଛାତ୍ର



**ବାଲିଅନ୍ତା, ୨୮ ।୩ (ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ରବିବାର ଜାତୀୟସ୍ତରୀୟ ୬ଷ୍ଠତମ ବାଗ୍ମୀତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ବିଶିଷ୍ଟ ଶିକ୍ଷାବିତ୍ ଭାଗୀରଥି ମହାପାତ୍ର ଯୋଗଦେଇ ଶ୍ରୀମା, ଶ୍ରୀଅରବିନ୍ଦଙ୍କ ଦୃଷ୍ଟିଭଙ୍ଗୀରେ ଶିକ୍ଷାର ଉପାଦେୟତା ଉପରେ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କପିଳାସ ପ୍ରସାଦ ଦାଶ ଯୋଗଦେଇ ଶ୍ରୀଅରବିନ୍ଦଙ୍କ କର୍ମଯୋଗ ଆଧାରରେ ସମାଜ ଗଠନର ପରିକଳ୍ପନା କରାଯାଇପାରେ ବୋଲି କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. କୌଶିକ ମିଶ୍ର ଯୋଗଦେଇ ବର୍ତ୍ତମାନ ସମୟରେ ଏହିଭଳି ପ୍ରତିଯୋଗିତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରମୁଖ ଅତିଥି ରୂପେ ପ୍ରସାଦ ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ର ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲଲାଟେନ୍ଦୁ ସାମନ୍ତ ଯୋଗଦେଇଥିଲେ। ଏଥିରେ ଅନୁଷ୍ଠାନର ସମ୍ପାଦକ ଡ. ବଙ୍କିମ ମହାନ୍ତି, ପଞ୍ଚମୁଖୀ ଏଜୁକେଶନାଲ ଓ ଚାରିଟେବୁଲ ଟ୍ରଷ୍ଟ ଚେୟାରମ୍ୟାନ, ରୋଟାରିୟାନ ବିଜୟ ପାତ୍ର ଉପସ୍ଥିତ ଥିଲେ।

# କିଏ ପିନ୍ଧିବେ ଡେପୁଟି ମେୟର ମୁକୁଟ

**୯ରେ ନିର୍ବାଚନ, ଚର୍ଚ୍ଚାରେ ଅନେକ**

**ଭୁବନେଶ୍ୱର, ୨୮ ।୩ (ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୩ବର୍ଷ ପରେ ନେତା ପାଇଛି। ମହିଳା ମେୟରଙ୍କ ସମେତ ୬୭ଜଣ କର୍ପୋରେଟରଙ୍କୁ ପାଇ ସାରିଛି। ଏବେ ଡେପୁଟି ମେୟର ପଦକୁ ନେଇ କସରତ ଆରମ୍ଭ ହୋଇଛି। ବିଏମ୍‌ସି ନିର୍ବାଚନରେ ବିଜେଡିର ବିପୁଳ ବିଜୟ ହୋଇଛି। ୪୮ ସିଟ୍ ବିଜେଡି ଅଧୀନକୁ ଯାଇଥିବାବେଳେ ୧୦ ୱାର୍ଡରେ ଭାଜପା ଓ ୯ଟିରେ ସ୍ୱାଧୀନ ବିଜୟୀ ହୋଇଛନ୍ତି। ଏଥିସହ ମେୟର ଚୌକି ବିଜେଡି ହାତେଇଥିବାବେଳେ ସଂଖ୍ୟା ଗରିଷ୍ଠତା ଥିବାରୁ ଡେପୁଟି ମେୟର ମଧ୍ୟ ବିଜେଡି ଦଖଲକୁ ଯିବ ବୋଲି ସ୍ପଷ୍ଟ ହୋଇ ସାରିଛି। ଆଗକୁ ଡେପୁଟି ମେୟର ନିର୍ବାଚନ ଥିବାରୁ ଦଳୀୟ ଟିକେଟ ପାଇଁ ଆଶାୟୀ କର୍ପୋରେଟରଙ୍କ ମଧ୍ୟରେ ଦୌଡ ଚାଲିଛି। ଏଥିପାଇଁ ସେମାନେ ନିଜ ନିଜ ସ୍ତରରେ ଲବି ଚଳାଇଛନ୍ତି। ମେୟର ଜଣେ ମହିଳା ହୋଇ ଥିବାରୁ ଡେପୁଟି ମେୟର ପଦବୀ ପୁରୁଷ କର୍ପୋରେଟରଙ୍କୁ ମିଳିପାରେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଥିବାରୁ ଦଳ ପୁଣି ଥରେ ମହିଳା କାର୍ଡ ଖେଳିପାରେ। ସେହିପରି ସଂଖ୍ୟାଧିକ ମହିଳା କର୍ପୋରେଟର ଥିବାରୁ ମହିଳାଙ୍କ ହାତରେ ଭୁବନେଶ୍ୱରର ଶାସନ ଭାର ଦିଆଯାଇପାରେ ବୋଲି ଆଲୋଚନା ହେଉଛି। ଡେପୁଟି ମେୟର ପଦବୀ ଆରମ୍ଭ ହେବାଠାରୁ ଭୁବନେଶ୍ୱରରେ ଲଗାତର ଭାବେ ୩ଥର ମହିଳାଙ୍କ ହାତକୁ ଯାଇଛି। ୨୦୦୩ରେ ଉର୍ମିଳା ମହାପାତ୍ର ପ୍ରଥମ, ୨୦୦୮ରେ ଭାରତୀ ସିଂହ ଦ୍ୱିତୀୟ ଏବଂ ୨୦୧୪ରେ କେ. ଶାନ୍ତି ତୃତୀୟ ଡେପୁଟି ମେୟର ଥିଲେ। ତେଣୁ ଏଥର ସମାନ ଧାରା ବଜାୟ ରହିବ ନା ଏଥିରେ ପରିବର୍ତ୍ତନ ହେବ ତାହା ଏପ୍ରିଲ ୯ରେ ସ୍ପଷ୍ଟ ହେବ।

ବିଶ୍ୱସ୍ତ ସୂତ୍ର ଅନୁସାରେ, ଡେପୁଟି ମେୟର ଦୌଡ଼ରେ ଏବେ ଉଭୟ ପୁରୁଷ ଓ ମହିଳା କର୍ପୋରେଟର ରହିଛନ୍ତି। ୫୯ ନଂ କର୍ପୋରେଟର ବିରଞ୍ଚି ମହାସୁପକାରଙ୍କ ନାମ ଆଗରେ ରହିଥିବା ଚର୍ଚ୍ଚା ହେଉଛି। ବିରଞ୍ଚି ଏହାକୁ ମିଶାଇ ୪ର୍ଥ ଥର କର୍ପୋରେଟର ଭାବେ ବିଜୟୀ ହୋଇଛନ୍ତି। ତାଙ୍କ ପଛକୁ ୪୫ ନଂ. ୱାର୍ଡର କର୍ପୋରେଟର ଅମରେଶ ଜେନାଙ୍କ ନାମ ମଧ୍ୟ ଶୁଣିବାକୁ ମିଳୁଛି। ସେ ତୃତୀୟ ଥର ପାଇଁ କର୍ପୋରେଟର ହୋଇଥିବାବେଳେ ଦଳୀୟ ମହଲରେ ତାଙ୍କର ପ୍ରଭାବ ରହିଛି। ସେହିପରି ୱାର୍ଡ ନଂ. ୧ରୁ ବିଜୟୀ ହୋଇଥିବା ମିହିର ରାଉତ ମଧ୍ୟ ଏହି ଦୌଡରେ ସାମିଲ ଅଛନ୍ତି। ପୂର୍ବରୁ ତାଙ୍କ ସ୍ତ୍ରୀ କର୍ପୋରେଟର ଥିବାବେଳେ ଏଥର ସେ ନିର୍ବାଚନ ଜିତିଛନ୍ତି। ସେହିପରି କେତେଜଣ ମହିଳା କର୍ପୋରେଟରଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ୬ ନଂ. ୱାର୍ଡର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ୫୩ ନଂ. ୱାର୍ଡର କର୍ପୋରେଟର ମହାମାୟା ସ୍ୱାଇଁ, ୨୫ ନଂ. ୱାର୍ଡର ମାନସୀରାଣୀ ସୁନ୍ଦରାୟ ମଧ୍ୟ ଏହି ଦୌଡରେ ଅଛନ୍ତି। ଏହି କର୍ପୋରେଟରମାନେ ଲଗାତାର ଦ୍ୱିତୀୟଥର ପାଇଁ ବିଜୟୀ ହୋଇଛନ୍ତି। ବିଜୟୀ ହୋଇଥିବା ୨୬ ନଂ. ୱାର୍ଡର ଭାରତୀ ସିଂହ ଏବଂ ୫୬ ନଂ ୱାର୍ଡର କେ. ଶାନ୍ତି ପୂର୍ବରୁ ଡେପୁଟି ମେୟର ଭାବେ ଦାୟିତ୍ୱ ତୁଲାଇ ଥିବାରୁ ଦଳ ଏଥର ସେମାନଙ୍କୁ ପୁନର୍ବାର ଏହି ପଦବୀରେ ବସାଇ ନ ପାରେ। ଅପରପକ୍ଷେ ନୂଆ ତଥା ଯୁବ ନେତୃତ୍ୱକୁ ଡେପୁଟି ମେୟର ଆସନରେ ବସାଇ ଦଳ ମୁଖ୍ୟ ରାଜଧାନୀବାସୀଙ୍କୁ ନୂଆ ଭେଟି ଦେଇପାରନ୍ତି ବୋଲି ମଧ୍ୟ ଆଲୋଚନା ହେଉଛି। ତେବେ ଯାହାକୁ ବି ପଦବୀ ମିଳୁ, ସମସ୍ତ କର୍ପୋରେଟର ଓ ବିଧାୟକ ଦଳର ସୁପ୍ରିମୋଙ୍କ ନିଷ୍ପତ୍ତିକୁ ଶୃଙ୍ଖଳାର ସହ ମାନିବେ ବୋଲି କହିଛନ୍ତି।

## ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ

**ଜଟଣୀ,୨୮ ।୩(ଡି.ଏନ୍.ଏ.)**

ଜଟଣୀସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପକ୍ଷରୁ ତିନିଦିନ ବ୍ୟାପୀ ବିଶ୍ୱବିଦ୍ୟାଳୟ ପରିସରରେ ଆଇସିଏମ୍‌ଇବିଇ-୨୦୨୨ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଭିସି ଡ.ସୁପ୍ରିୟା ପଟ୍ଟନାୟକ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭିସି ଡ.ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଫେସର ତ୍ରିପାଠୀ ବର୍ତ୍ତମାନର ବଜାର ପରିବେଶ ଦୃଶ୍ୟ ଏବଂ ପିଇଏସ୍‌ଟିଇଏଲ୍ ବିଶ୍ଳେଷଣ ପରି ଉପକରଣଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ପଟ୍ଟନାୟକ ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରିଥିଲେ। ଡି.ଏସ୍ ମିଶ୍ର, ପ୍ରଫେସର କେ.ସି. ମେହେର, ପ୍ରଫେସର ସୁପ୍ରୀତି ମିଶ୍ର, ଡ. ଦୁର୍ଗା ସାମନ୍ତରାୟ, ପ୍ରଫେସର ମହମ୍ମଦ ମେହବୁବ ଅଲି, ପ୍ରଫେସର ଏସ୍.ଏସ ଖାନକା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଉତ୍ତରପ୍ରଦେଶର ହସ୍ତତନ୍ତ ଡିଜାଇନରଙ୍କୁ ମାଡ଼, କାର୍ ଭଙ୍ଗାରୁଜା

**ଟିଗିରିଆ,୨୮ ।୩(ଡି.ଏନ୍.ଏ.)**

ଉତ୍ତରପ୍ରଦେଶର ଜଣେ ହସ୍ତତନ୍ତ ଡିଜାଇନରଙ୍କୁ କେତେଜଣ ଦୁର୍ବୃତ୍ତ ମାଡ଼ମାରିବା ସହିତ ତାଙ୍କ କାର୍‌କୁ ଭଙ୍ଗାରୁଜା କରିଥିବା ଟିଗିରିଆ ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୬୮/୨୨) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଉତ୍ତରପ୍ରଦେଶସ୍ଥିତ ଗୋରଖପୁରର ଅନୁପ ଚୌଧୁରୀ ଏବଂ ତାଙ୍କ ସାନଭାଇ ଅମିତ ନିଜ କାରରେ ଢେଙ୍କାନାଳ ଭାପୁର ଅଞ୍ଚଳରୁ ଟିଗିରିଆ ଅଭିମୁଖେ ଫେରୁଥିଲେ। ବାଟରେ ଟିଗିରିଆ ଥାନା ଅନ୍ତର୍ଗତ ଭେଜିଆ ଜଙ୍ଗଲ ଘାଟି ରାସ୍ତାରେ ୨୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ତାଙ୍କୁ ଅଟକାଇବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ନିଷ୍ଠୁକ ମାଡ଼ ମାରିଥିଲେ। ତାଙ୍କ କାରକୁ ପଥର ମାରି ଭଙ୍ଗାରୁଜା କରିଥିଲେ। ସହାୟତା ପାଇଁ ନୂଆପାଟଣା ଅଞ୍ଚଳରୁ କିଛି ପରିଚିତ ସମ୍ପର୍କୀୟଙ୍କୁ ଅନୁପ ମୋବାଇଲ୍‌ରେ ଫୋନ କରି ଡକାଇବା ପରେ ଦୁର୍ବୃତ୍ତମାନେ ସେଠାରୁ ପଳାଇ ଯାଇଥିଲେ। ଖୁବ୍‌ଶୀଘ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି।




ଭୁବନେଶ୍ୱର ସୂଚନା ଭବନଠାରେ ସୋମବାର ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ 'ବ୍ୟକ୍ତି ଏବଂ ପୁସ୍ତକ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ଅନ୍ୟମାନେ।

# ଲୋକାୟୁକ୍ତ ପକ୍ଷରୁ ତଦନ୍ତ ଆରମ୍ଭ

**ପାଇଖାନା ନିର୍ମାଣରେ ଦୁର୍ନୀତି ଅଭିଯୋଗ**

**କଣ୍ଟାପଡ଼ା,୨୮ ।୩(ଡି.ଏନ୍.ଏ.)**

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ କେତେକ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନାରେ ହୋଇଥିବା ପାଇଖାନା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଲୋକାୟୁକ୍ତ ପକ୍ଷରୁ ସୋମବାର ୨ଦିନିଆ ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ଲୋକାୟୁକ୍ତର ୨ଜଣ ବରିଷ୍ଠ ଅଧିକାରୀ ଉକ୍ତ ବ୍ଲକର ପାଟସୁନ୍ଦରପୁର ପଞ୍ଚାୟତର ୪ନଂ., ୭ନଂ. ଓ ୮ନଂ. ୱାର୍ଡକୁ ଯାଇ ଯେଉଁ ହିତାଧିକାରୀମାନେ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ସେମାନଙ୍କୁ ପଚରାଉଚରା କରିବାସହ ଅର୍ଦ୍ଧନିର୍ମିତ ପାଇଖାନାଗୁଡିକୁ ଦେଖିଥିଲେ। ତଦନ୍ତବେଳେ ହିତାଧିକାରୀମାନେ ଅଧିକାରୀଙ୍କ ନିକଟରେ ସେମାନଙ୍କ କ୍ଷୋଭ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସ୍ୱଚ୍ଛ ଭାରତ ଯୋଜନାରେ କଣ୍ଟାପଡା ବ୍ଲକର ପାଟସୁନ୍ଦରପୁର ପଞ୍ଚାୟତରେ ୨୦୫, ଝାରପଡାରେ ୨୦, କଣ୍ଟାପଡାରେ ୬୪, ବାଗଲପୁରରେ ୮୧, ଉରାମରେ ୧୧୮ ଓ ପୋସ୍ତଳରେ ୧୭ଟି ଘରୋଇ ପାଇଖାନା ନିର୍ମାଣ କରାଯାଇଥିଲା। ଏହି ଯୋଜନାରେ ପ୍ରତି ହିତାଧିକାରୀଙ୍କ ବାବଦରେ ୧୨ହଜାର ଟଙ୍କା ଲେଖାଏ ଦାୟିତ୍ୱରେ ଥିବା ଏସ୍‌ଏଚଜିକୁ ପ୍ରଦାନ କରାଯାଇଥିଲା। ତେବେ ପାଟସୁନ୍ଦରପୁରର ବହୁ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ପାଇଖାନାଗୁଡ଼ିକୁ ଅଧା ତିଆରି କରି ଛାଡି ଦିଆଯାଇଥିଲା। ଏ ସମ୍ପର୍କରେ ସାମାଜିକ କର୍ମୀ ଶରତ ପରିଡା ଲୋକାୟୁକ୍ତଙ୍କ ନିକଟରେ ମାମଲା ଦାଏର କରିଥିଲେ। ଲୋକାୟୁକ୍ତ କଣ୍ଟାପଡା ବ୍ଲକ ବିଡିଓ, ସହକାରୀ ଯନ୍ତ୍ରୀ ଓ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ମିଶନ କନିଷ୍ଠଯନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରିଥିଲେ। ଏ ସମ୍ପର୍କରେ ବିଡିଓ ସନ୍ତୋଷ କୁମାର ପତି କୁହନ୍ତି, ଲୋକାୟୁକ୍ତ ପକ୍ଷରୁ ତଦନ୍ତ ଚାଲିଛି। ତଦନ୍ତ ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ଲୋକାୟୁକ୍ତ ତଦନ୍ତକାରୀ ଅଧିକାରୀ ଜଣେ ହିତାଧିକାରୀଙ୍କ ପାଇଖାନାକୁ ବୁଲି ଦେଖୁଛନ୍ତି।

## ସଂକ୍ଷେପରେ

### ଚୋରି ଘଟଣାରେ ୪ ଗିରଫ

ଜଟଣୀ,୨୮।୩(ଡି.ଏନ୍.ଏ.): ଜଟଣୀ ଥାନା ପୋଲିସ ଏକ ଚୋରି ଘଟଣାରେ ସୋମବାର ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ବେଲପଡା ଗ୍ରାମର ବିନୋଦ କୁମାର ମାର୍ଥା, ଅନୁଗୋଳ ଜଲା କରଣପୁର ଗ୍ରାମର କିଶୋର ବିଶ୍ୱାଳ, ଜଟଣୀ ଥାନା କୁଦିଆରୀ ଗ୍ରାମ ମଜଣା ସାହିର ଗଣେଶ ପ୍ରଧାନ ଏବଂ ଖୋର୍ଦ୍ଧା ରାମବିଲି ଅଞ୍ଚଳର କବି କବାଡ଼ି। ଏମାନଙ୍କ ନିକଟରୁ ଗୋଟିଏ ଟାଟା ଏସିଇ, ଗ୍ୟାସ ସିଲିଣ୍ଡର ଏବଂ ଗ୍ୟାସ କଟର ଜବତ ହୋଇଥିବା ବେଳେ ଏନେଇ ଥାନାରେ ଏକ ମାମଲା (ନଂ.୧୨୫/୨୨) ରୁଜୁ ହୋଇଛି। ସୂଚନାଥାଉ କି, ଗତ ୨୭ତାରିଖ ରାତିରେ ଜଟଣୀ ଥାନା ବେଲପଡ଼ା ଗ୍ରାମସ୍ଥିତ ଏକ ଶ୍ମଶାନରେ ଅଭିଯୁକ୍ତମାନେ ଏକ ଚୋରି ଟ୍ରକକୁ କାଟି ଖଣ୍ଡ ଖଣ୍ଡକରି କବାଡିଖାନାକୁ ନେବା ପାଇଁ ଉଦ୍ୟମ କରୁଥିଲେ। ଜଟଣୀ ପୋଲିସ ପାଟ୍ରୋଲିଂ ଟିମ ଖବରପାଇ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ପୋଲିସ ୨ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ଦୁଇଜଣ ଖସି ପଳାଇଥିଲେ। ପରେ ପୋଲିସ ଜାତୀୟ ରାଜପଥ ପିତାପଲି ଠାରେ ଥିବା କବାଡି ଖାନାରେ ଚଢ଼ାଉ କରି ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଧରିଥିଲା।

### କୁଦିଆରୀ ଦଶଦୋଳ ମେଳଣ, ଜମାଣ ଉତ୍ସବ

ଜଟଣୀ,୨୮।୩(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ କୁଦିଆରୀ ଗ୍ରାମଠାରେ ଆରମ୍ଭ ହୋଇଛି କୁଦିଆରୀ ଦଶଦୋଳ ମେଳଣ ଉତ୍ସବ। ଏହି ପରିପ୍ରେକ୍ଷୀରେ ସୋମବାର ମଧରାତ୍ରରେ ମେଳଣର ଜମାଣ ଉତ୍ସବ ଅନୁଷ୍ଠିତ ହୋଇଛି। ମେଳଣ ପଡିଆ ଓ ପାଖଆଖ ଅଞ୍ଚଳକୁ ରଙ୍ଗବେରଙ୍ଗ ଆଲୋକ ଓ ଫୁଲରେ ସଜ୍ଜିତ କରାଯାଇଛି। ବାଜା, ତୁରି, ଘଣ୍ଟଘଣ୍ଟା ହରିବୋଲ ହୁଳହୁଳିର ତାଳେ ତାଳେ ଥାନପତି ପତିତପାବନ ଦେବ ଏବଂ ଶ୍ରୀଚନ୍ଦ୍ରଶେଖର ଦେବ ମେଳଣ ପଡିଆରେ ଖୁଣ୍ଟି ଲାଗି ହୋଇଛନ୍ତି। ଚଳିତ ବର୍ଷ ପାଖ ଆଖ ଗ୍ରାମରୁ ୪୦ ଠାକୁର ନିମନ୍ତ୍ରିତ ହୋଇଥିବା ମେଳଣ କମିଟି ପକ୍ଷରୁ ସୂଚନା ମିଳିଛି। ହଜାର ହଜାର ଶ୍ରଦ୍ଧାଳୁ ଜମାଣ ଉତ୍ସବରେ ଯୋଗଦେଇଥିଲେ। କୌଣସି ଅଘଟଣ ଏଡାଇବା ପାଇଁ ଜଟଣୀ ପୋଲିସ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଆସନ୍ତା ୩୧ତାରିଖରେ ଠାକୁରଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହେବ।

### ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ

ଜଟଣୀ,୨୮।୩(ଡି.ଏନ୍.ଏ.): ଜଟଣୀସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପକ୍ଷରୁ ତିନିଦିନ ବ୍ୟାପୀ ବିଶ୍ୱବିଦ୍ୟାଳୟ ପରିସରରେ ଆଇସିଏମ୍ଇବିଇ-୨୦୨୨ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଭିସି ଡ.ସୁପ୍ରିୟା ପଟ୍ଟନାୟକ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭିସି ଡ.ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଫେସର ତ୍ରିପାଠୀ ବର୍ତ୍ତମାନର ବଜାର ପରିବେଶ ଦୃଶ୍ୟ ଏବଂ ପିଇଏସ୍‌ଟିଇଏଲ୍ ବିଶ୍ଳେଷଣ ପରି ଉପକରଣଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ପଟ୍ଟନାୟକ ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରିଥିଲେ। ଡି.ଏସ୍ ମିଶ୍ର, ପ୍ରଫେସର କେ.ସି. ମେହେର, ପ୍ରଫେସର ସୁପ୍ରୀତି ମିଶ୍ର, ଡ. ଦୁର୍ଗା ସାମନ୍ତରାୟ, ପ୍ରଫେସର ମହମ୍ମଦ ମେହବୁବ ଅଲି, ପ୍ରଫେସର ଏସ୍.ଏସ ଖାନକା, ଡ. ସନ୍ଦୀପ ବିଜ, ସୌରଭ ମିଶ୍ର, ପ୍ରଫେସର ଅର୍କ କୁମାର ଦାଶ ମହାପାତ୍ର, ପ୍ରଫେସର ଅନୀତା ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଅଗ୍ନିକାଣ୍ଡ: ୭ ଛେଳି ଜୀବନ୍ତ ଦଗ୍ଧ

ଡେଲାଙ୍ଗ,୨୮।୩(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକର ରେଞ୍ଚ ପଞ୍ଚାୟତ ଅନ୍ତର୍ଗତ ପ୍ରହରାଜପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗ୍ରାମର ବିଜୟ ବେହେରାଙ୍କ ଗୁହାଳ ଘର ପୋଡ଼ିଯିବା ସହିତ ୭ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଘଟଣା ଅନୁଯାୟୀ, ସବୁଦିନ ଭଳି ବିଜୟଙ୍କ ପରିବାର ଲୋକ ରାତିରେ ଖାଇସାରି ଶୋଇପଡିଥିଲେ। ହେଲେ ବିଳମ୍ବିତ ରାତିରେ କୌଣସି କାରଣରୁ ତାଙ୍କ ଗୁହାଳ ଘରେ ନିଆଁ ଲାଗିଯାଇଥିଲା। ଗୁହାଳରେ ଥିବା ଛେଳିମାନେ ରଡି ଛାଡିବାରୁ ବିଜୟଙ୍କ ପରିବାର ଓ ପଡିଶା ଘର ଲୋକେ ଉଠି ନିଆଁ ଜଳୁଥିବାର ଦେଖିବାକୁ ପାଇଥିଲେ। ସେ ପାଟିକରି ଡାକିବାରୁ ସାହିର ସମସ୍ତେ ଉଠି ନିଆଁ ଲିଭାଇବାରେ ସାହାଯ୍ୟ କରିଥିଲେ। ସେତେବେଳକୁ ଗୁହାଳରେ ଥିବା ପ୍ରାୟ ୭ଟି ଛେଳି ସମ୍ପୂର୍ଣ୍ଣ ଜଳିଯାଇଥିଲା।

# ୯୧ ପ୍ରକଳ୍ପ ଅଧାପନ୍ତରିଆ

**ସାମାଜିକ ସମୀକ୍ଷାର ଜନଶୁଣାଣି ଶିବିର**

- ଘରବାରି ପଟ୍ଟା ପାଇବାରୁ ଲୋକେ ବଞ୍ଚିତ
- ସରକାରୀ ଅଫିସରେ ଓଡ଼ିଆ ଭାଷା ବ୍ୟବହାର ହେଉ

ବେଗୁନିଆ,୨୮।୩(ଡି.ଏନ୍.ଏ.)



ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଅଭ୍ୟର୍ଥନା ପ୍ରକୋଷ୍ଠରେ ସୋମବାର ସାମାଜିକ ସମୀକ୍ଷାର ଜନ ଶୁଣାଣି ଶିବିର ପୋଲିସ ସହାୟତାରେ ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣିରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ବିଡିଓ ଲକ୍ଷ୍ମୀଧର ସାହୁ, ଜିଲା ସାମାଜିକ ଅଡିଟର ପ୍ରଦୋଷ କୁମାର ମହାରଣା, ଉକ୍ତ ଯୋଜନାର ସଂଯୋଜିକା ଜ୍ୟୋତ୍ସ୍ନାମୟୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ୨୦୧୯-୨୦, ୨୦୨୦-୨୧ ଆର୍ଥିକ ବର୍ଷରେ ବେଗୁନିଆ ବ୍ଲକର ୨୧ ପଞ୍ଚାୟତକୁ ଆସିଥିବା ୧୪୭ଟି ପ୍ରକଳ୍ପ ମଧ୍ୟରୁ ୫୬ଟି ଶେଷ ହୋଇଛି। ୯୧ ପ୍ରକଳ୍ପ ଅଧାପନ୍ତରିଆ ହୋଇପଡ଼ିଛି। ଶହେ ଜଣରୁ ଊର୍ଦ୍ଧ୍ୱ ଜବ୍ କାର୍ଡଧାରୀ ୧୦୦ ଦିନର କାର୍ଯ୍ୟ ଶେଷ କରିଛନ୍ତି। ଅନ୍ୟପଟେ ଘରବାରି ପଟ୍ଟା ପାଇବାରୁ ବଞ୍ଚିତ ହୋଇ ପ୍ରାୟ ୨ଶହ ଲୋକ ପକ୍କାଘର ପାଇପାରୁ ବଞ୍ଚିତ ହୋଇଛନ୍ତି ବୋଲି ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ କହିଛନ୍ତି। ରାଜ୍ୟ ସରକାର ଓଡ଼ିଆ ଭାଷା ବ୍ୟବହାର ଉପରେ ଗୁରୁତ୍ୱ ଦେବା ପାଇଁ ବ୍ୟବସ୍ଥା ଗ୍ରହଣ କରିଥିଲେ। ଏପର୍ଯ୍ୟନ୍ତ ସରକାରୀ କାର୍ଯ୍ୟାଳୟରେ ଅଧିକାରୀମାନେ ଇଂରାଜୀ ଭାଷା ବ୍ୟବହାର କରୁଛନ୍ତି ବୋଲି ସମୀକ୍ଷା କମିଟି ସଭ୍ୟ ରାଜକିଶୋର ପାଣିଗ୍ରାହୀ କହିଥିଲେ। ୨୬୦ ପ୍ରକାରର କାର୍ଯ୍ୟ ଆଗାମୀ ୨୦୨୨-୨୩ ବର୍ଷରେ ସୃଷ୍ଟି କରିବା ପାଇଁ ଯୋଜନା କରାଯାଇଛି। ଏଥିରେ ଜଳସେଚନ, ନୂତନ ଜଙ୍ଗଲ ସୃଷ୍ଟି, ଗ୍ରାମ୍ୟ ଶ୍ମଶାନ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ ବୋଲି ପିଡି ରାଉତରାୟ କହିଛନ୍ତି। ଏହି ଅବସରରେ ଶଗଡଭଙ୍ଗା ପଞ୍ଚାୟତର ଜଣେ ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ଶ୍ରମିକଙ୍କୁ ସମ୍ବର୍ଦ୍ଧିତ ନ କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବଳରାମ ରଣସିଂହ, କୁଳମଣି ମିଶ୍ର, ପ୍ରତାପ ଜେନା, ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ସମସ୍ତ ୨୧ ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ଜିପିଇଓ ଦେବାଶିଷ ସାହୁ ଧନ୍ୟବାଦ ଦେଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଏସ୍‌ଡିପିଓ ସୁଶୀଲ ମିଶ୍ର, ଆଇଆଇସି ଲକ୍ଷ୍ମୀ ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

## ଯମେଶ୍ୱର ସଭାପତି, ପ୍ରସନ୍ନ ସାଧାରଣ ସମ୍ପାଦକ

**ଖୋର୍ଦ୍ଧା ଜିଲା ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ**

ଟାଙ୍ଗୀ(ଖୋର୍ଦ୍ଧା),୨୮।୩(ଡି.ଏନ୍.ଏ.)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଭୁବନେଶ୍ୱର ସ୍ଥିତ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହାସଚିବ ଅମୀୟ କୁମାର ଦାଶ ଓ ଉପ ସଭାପତି ସଙ୍ଗୀତା ଦାସ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲା ପ୍ରାଥମିକ ଶିକ୍ଷକ ସଂଘର ଚଳିତ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ଯମେଶ୍ୱର ମଲ୍ଲିକ ସଭାପତି, ଉମାକାନ୍ତ ନାୟକ ଓ ବିଶ୍ୱ ରଞ୍ଜିତା ଉପସଭାପତି, ପ୍ରସନ୍ନ କୁମାର ଶ୍ରୀଚନ୍ଦନ ସାଧାରଣ ସମ୍ପାଦକ, ସମରେଶ ବେହେରା ସଙ୍ଗଠନ ସମ୍ପାଦକ, ଅର୍ଜ୍ଜୁନ କୁମାର ସେଠୀ, କୃଷ୍ଣ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ମହାପାତ୍ର ଯୁଗ୍ମ ସମ୍ପାଦକ, ସୁଶାନ୍ତ କୁମାର ସାହୁ ସଂଯୋଜକ, ମାନଭଞ୍ଜନ ମୁଣ୍ଡେଇ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବା ଜଣାପଡ଼ିଛି।

## ଝାଡ଼େଶ୍ୱରୀଙ୍କ ବାର୍ଷିକ ଉତ୍ସବ



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ଜଟଣୀ,୨୮।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ କୁଦିଆରୀ ଗ୍ରାମର ମା'ଝାଡ଼େଶ୍ୱରୀଙ୍କ ୩୫ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କୁଦିଆରୀସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରେ ଆୟୋଜିତ ଏହି ଉତ୍ସବରେ ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ସୁଦର୍ଶନ ସୁନ୍ଦରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ପ୍ରତାପ ଜେନା, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଅତିଥିଭାବେ ଯୋଗଦେଇଥିଲେ। କୁଦିଆରୀ ଦଶଦୋଳ ମେଳଣ ଓ ଝଡ଼େଶ୍ୱରୀଙ୍କ ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ବଲିଉଡ ନାଇଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଣ୍ଠ ଶିଳ୍ପୀ ବିନୋଦ ରାଠୋର ଯୋଗଦେଇ ସଙ୍ଗୀତ ଗାନ କରିଥିଲେ। ଏଥିସହ କଣ୍ଠ ଶିଳ୍ପୀ ଦୀପ୍ତି ରେଖା, ଦେବୀ ପ୍ରସାଦ ମଧ୍ୟ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା ଚଳିତ ପୌର ନିର୍ବାଚନରେ ବିଜୟୀ ହୋଇଥିବା ବିଜେଡି କାଉନସିଲର ଏବଂ ପୌରାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଝଡ଼େଶ୍ୱରୀ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଜଟଣୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସୋମବାର ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବିଭିନ୍ନ ସ୍ଥାନରେ ରାସ୍ତାରୋକୋ, ଧର୍ମଘଟ

ଖୋର୍ଦ୍ଧା ଅଫିସ/ନିରାକାରପୁର/ବୋଲଗଡ଼,୨୮।୩(ଡିଏନ୍.ଏ.)

କେନ୍ଦ୍ରର ଶ୍ରମିକ ମାରଣ ନୀତି ଏବଂ ସରକାରୀ ବ୍ୟାଙ୍କଗୁଡିକ ଘରୋଇକରଣକୁ ବିରୋଧ କରି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ମାର୍ଚ୍ଚ ୨୮, ୨୯ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଡାକରାରେ ଏକାଧିକ ସଙ୍ଗଠିତ ଓ ଅଣ ସଙ୍ଗଠିତ ଶ୍ରମିକ ସାମିଲ ହୋଇଛନ୍ତି। କେନ୍ଦ୍ର ଟ୍ରେଡ ୟୁନିୟନ ଡାକରାକ୍ରମେ ଖୋର୍ଦ୍ଧାରେ ସିପିଆଇଏମ, ସିପିଆଇ, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଏଚଏମସ ପ୍ରମୁଖ ଶ୍ରମିକ ସଙ୍ଗଠନ ସାମିଲ ହୋଇଛନ୍ତି। ସୋମବାର ସକାଳେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ବନ୍ଦ କରିଥିଲେ। ପୂର୍ବାହ୍ନରେ ସହରରେ ବାଇକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ଓ ପ୍ରତିବାଦ ସଭା କରିଥିଲେ। ସିପିଆଇଏମ ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରାଯାଇଥିଲା। ସିଆଇଟିୟୁ ଜିଲା ସମ୍ପାଦକ ଶୈଳେଶ ବଳିୟାରସିଂ, ଏସୟୁସିଆଇ(କମ୍ୟୁନିଷ୍ଟ) ଆଞ୍ଚଳିକ ସମ୍ପାଦକ ଅଶୋକ ସାହୁ, ଡିଏସଓ ରାଜ୍ୟ ଉପସଭାପତି ଜୟନ୍ତ ମହାନ୍ତି, ଶ୍ରୀକାନ୍ତ ନାୟକ, ଦୁର୍ଗା ପ୍ରସାଦ ସ୍ୱାଇଁ, ବିଶ୍ୱଜିତ ମହାନ୍ତି, ଦିଲୀପ ଶ୍ରୀଚନ୍ଦନ, ଯୋଗେନ୍ଦ୍ର ଦାସ, ରବି ରାଉତରା, ଶଙ୍କର୍ଷଣ ପ୍ରଧାନ, ଶିକ୍ଷକ ନେତା କିଶୋର ଚନ୍ଦ୍ର ପରମଗୁରୁ ପ୍ରମୁଖ କେନ୍ଦ୍ରର ଶ୍ରମିକ ମାରଣ ନୀତିକୁ ବିରୋଧ କରିଥିଲେ। ଶ୍ରମିକ ବିରୋଧୀ ୪ ଶ୍ରମକୋଡକୁ ବାତିଲ, ଦରଦାମ ବୃଦ୍ଧି ନିୟନ୍ତ୍ରଣ, ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀ, ତୈଳ ଦର ଉପରେ ଟିକସ ହ୍ରାସ, ଠିକା ଶ୍ରମିକଙ୍କୁ ସ୍ଥାୟିତ୍ୱ, ସମାନ କାମକୁ ସମାନ ଦରମା ଆଦି ଦାବି କରିଛନ୍ତି। ସେହିପରି ନିରାକାରପୁରରେ ବନ୍ଦ ପ୍ରଭାବ ଆଂଶିକ ରହିଥିଲା। କେତେକ ବ୍ୟାଙ୍କ ବନ୍ଦ ରହିଥିବା ବେଳେ ଦୋକାନ ବଜାର ଖୋଲା ରହିଥିବା ଦେଖିବାକୁ ମିଳିଛି। ଭାରତ ବନ୍ଦ ପ୍ରଥମ ଦିବସରେ ୧୨ଦଫା ଦାବି ନେଇ ଅଲଓଡିଶା ଆଶା କର୍ମୀ ସଙ୍ଘର ବୋଲଗଡ଼ ବ୍ଲକ ସଭାପତି ଗୀତାଞ୍ଜଳି ପ୍ରଧାନ ସମ୍ପାଦକ ବାସନ୍ତି ସାମନ୍ତରାୟ ଏବଂ ସିପିଆଇ ଶ୍ରମିକ ନେତା ସୁମନ୍ତ ଛୋଟରାୟ ବେଗୁନିଆ ଜୋନ କମିଟି ସମ୍ପାଦକ ଲକ୍ଷ୍ମଣ ସେଠୀ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ ୫୭ନଂ ଜାତୀୟ ରାଜପଥର ବୋଲଗଡ ତହସିଲ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ବିଡିଓ ଧୋବେଇ ନାୟକଙ୍କୁ ପ୍ରଦାନ କରିଥିଲେ।

## ଅଦିନିଆ ରଥଯାତ୍ରା ବନ୍ଦ ପାଇଁ ଆଇନ ହେଉ: ରାମକୃଷ୍ଣ

ପୁରୀ ଅଫିସ, ୨୮।୩

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ୍ ଅଧୀନ ଏକଘରିଆ ଗ୍ରାମର ଶରଣଶ୍ରୀକ୍ଷେତ୍ରରେ ଅଦିନିଆ ବନଯାଗ ଯାତ୍ରା ଓ ନବକଳେବର ପରମ୍ପରାକୁ ନେଇ ଦଇତାପତି ନିଯୋଗ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ଏଭଳି ପରମ୍ପରା ବିରୋଧୀ କାର୍ଯ୍ୟ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସାରଥୀଙ୍କ ଭଳି ଏ ଜଣେ ବାବା। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ଗିରଫ କରାଯିବା ସହ ମଠକୁ ସିଜ୍ କରାଯାଉ। ଯାହା ଫଳରେ ଅନ୍ୟ କୌଣସି ସ୍ଥାନରେ ଏଭଳି ଜଗନ୍ନାଥ ପରାମ୍ପରା ଓ ରୀତିନୀତି କାର୍ଯ୍ୟକଳାପ ଦେଖିବାକୁ ମିଳିବନାହିଁ। ମହାପ୍ରଭୁଙ୍କ ନୀତି ଓ ବିଧିରେ ବ୍ୟତିକ୍ରମ ଆଦୌ ଗ୍ରହଣଯୋଗ୍ୟ ନୁହେଁ। ଗଜପତି, ମୁଦିରସ୍ତ, ବିଶ୍ୱାବସୁ ଓ ଦଇତାପତିଙ୍କ ବିନା ଏଭଳି କାର୍ଯ୍ୟ କିଭଳି ହେଲା ଓ କିଏ ଅନୁମତି ଦେଲା ତାହା ଜଣାନ୍ତୁ। ନିଜ ମନ ମୁତାବକ କାର୍ଯ୍ୟ କରାଯାଇ ପାରିବ ନାହିଁ। ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଦିଗରେ ଧ୍ୟାନ ଦିଅନ୍ତୁ। ବିଶ୍ୱରେ ଯେଉଁଠି ରଥଯାତ୍ରା ହେବ ତାହା ଶ୍ରୀମନ୍ଦିର ନୀତି ନିୟମରେ ହେବା ଆବଶ୍ୟକ। ଯେକେହି ନିଜ ଇଚ୍ଛାରେ ଦିନ ସ୍ଥିର କରି ରଥଯାତ୍ରା କରିପାରିବେ ନାହିଁ। ଅସମୟରେ ଓ ରୀତିନୀତିକୁ ଭାଙ୍ଗି ମହାପ୍ରଭୁଙ୍କ ନୀତି ପାଳନ କରା ନ ଯାଉ। ରାଜ୍ୟ ସରକାର ଏନେଇ ସ୍ୱତନ୍ତ୍ର ଆଇନ ପ୍ରଣୟନ କରନ୍ତୁ। ଏକ ନିର୍ଦ୍ଦିଷ୍ଟ ଦିନରେ ରଥଯାତ୍ରା ହେଉ। ଯେଉଁ ଶ୍ରୀମନ୍ଦିର ସେବାୟତ ଢେଙ୍କାନାଳ ଶରଣଶ୍ରୀକ୍ଷେତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ସେମାନଙ୍କ ନିଯୋଗଗୁଡ଼ିକୁ ଦଇତାପତି ନିଯୋଗ ଅଭିଯୋଗ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିବ।

## ୧୫୦.୨୬ ନିୟୁତ ଟନ୍ ମାଲ ପରିବହନ



ଜଟଣୀ,୨୮।୩(ଡି.ଏନ୍.ଏ.)

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଚଳିତ ଆର୍ଥିକ ବର୍ଷର ମାର୍ଚ୍ଚ ୨୭ତାରିଖ ମଧ୍ୟରେ ୧୫୦.୨୬ ନିୟୁତ ଟନ୍ ମାଲ୍ ପରିବହନ କରି ରେକର୍ଡ ସୃଷ୍ଟି କରିଛି। ଗତ ଆର୍ଥିକ ବର୍ଷରେ ୧୨୯ ନିୟୁତ ଟନ୍ ମାଲ୍ ପରିବହନ କରିଥିବା ବେଳେ ଚଳିତ ବର୍ଷ ୧୬.୪୮ ପ୍ରତିଶତ ଅଧିକ ମାଲ ପରିବହନ ହୋଇଛି। ମାଲ୍ ପରିବହନ ସାଇଡିଂ ତାଳଚେରରୁ ୭୧.୯୨ ନିୟୁତ ଟନ, ପାରାଦୀପରୁ ୨୬.୭୧, ଧାମରାରୁ ୨୧.୩୮, ମେରାମୁଣ୍ଡଳିରୁ ୫.୯୪, ନୟାଗଡ଼ରୁ ୪.୧୨, ଜଖପୁରାରୁ ୩.୨୮, ଅନଗୋଳରୁ ୪.୪୮ ଏବଂ ଅନ୍ୟାନ୍ୟ ସ୍ଥାନରୁ ୧୨.୪୩ ନିୟୁତ ଟନ୍ ପରିବହନ କରାଯାଇଛି। ପରିବହନ କରାଯାଇଥିବା ଦ୍ରବ୍ୟଗୁଡ଼ିକ ମଧ୍ୟରେ କୋଇଲା, ଷ୍ଟିଲ, ଲୁହାପଥର, ଇସ୍ପାତ କାରଖାନା ପାଇଁ କଞ୍ଚାମାଲ, ସାର ଓ ପେଟ୍ରୋଲିୟମ ଉତ୍ପାଦ ରହିଛି। ଏହି ସଫଳତା ପାଇଁ ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରାୟ ଖୋର୍ଦ୍ଧା ରୋଡର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଖୋର୍ଦ୍ଧା ରୋଡ୍ ଡିଭିଜନର ବ୍ୟବସାୟ ବିକାଶ ୟୁନିଟ୍ ନୂତନ କାର୍ଯ୍ୟଭାରକୁ ଆକର୍ଷିତ କରିବାରେ ଏବଂ ସଡ଼କରୁ ରେଳ ପର୍ଯ୍ୟନ୍ତ ମଡେଲ ଗମନାଗମନରେ ଏକ ପ୍ରମୁଖ ସ୍ଥାନ ପାଲଟିଛି।

## ଗୋଳବାଇ ମେଳଣ ଆରମ୍ଭ

**୧୫ ମୌଜାର ୫୦ ଠାକୁର ଏକାଠି ହୁଅନ୍ତି**

ଖୋର୍ଦ୍ଧା ଅଫିସ,୨୮।୩

ଦୋଳଯାତ୍ରା ପରମ୍ପରା ମଧ୍ୟରେ ଅନ୍ୟତମ ହେଉଛି ଖୋର୍ଦ୍ଧା ବ୍ଲକ ଗୋଳବାଇ ଦଶ ଦୋଳଯାତ୍ରା। ଚୈତ ମାସ କୃଷ୍ଣ ପକ୍ଷ ଦଶମୀ ତିଥି ରାତିରେ ରୀତିନୀତି ଅନୁଯାୟୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀ ସ୍ୱମନ୍ଦିରରୁ ସୁଜ୍ଜିତ ବିମାନରେ ବିଜେ ହୋଇ ଭକ୍ତଙ୍କ ଗହଣରେ ଶୋଭାଯାତ୍ରାରେ ବାହାରନ୍ତି। ଏହି ସମୟରେ ପାରମ୍ପରିକ ବାଦ୍ୟଯନ୍ତ୍ର ସହ ହୁଳହୁଳି, ଶଙ୍ଖନାଦ ମାଙ୍କ ଜୟଜୟକାରରେ ଗାଁଦାଣ୍ଡ ପ୍ରକମ୍ପିତ ହୋଇଉଠିଥାଏ। ଆୟୋଜକ କମିଟି ପକ୍ଷରୁ ନିମନ୍ତ୍ରଣ ପାଇ ୧୫ଟି ମୌଜାରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦେବଦେବୀ ଦୋଳବିମାନରେ ଆସି ଏହି ଶୋଭାଯାତ୍ରାରେ ସାମିଲ ହୋଇଥାନ୍ତି। ଭକ୍ତଙ୍କ ସମାଗମ ମଧ୍ୟରେ ମା'ଭଗବତୀ ପୂର୍ବରୁ ସୁସଜ୍ଜିତ ଦୋଳବେଦିରେ ଥାନପତି ଆସନରେ ବିଜେ କରନ୍ତି। ଏଥିସହିତ ଅନ୍ୟ ନିମନ୍ତ୍ରିତ ଦେବଦେବୀ ମଧ୍ୟ ନିଜ ଆସନରେ ଉପବେଶନ କରନ୍ତି। ଦଶମୀ ଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ଆଡ଼ମ୍ବରରେ ୪ଦିନ ବ୍ୟାପି ଏହି ଦୋଳଯାତ୍ରା ଆୟୋଜନ ହୋଇଥାଏ। ମେଳଣ ପଡିଆରେ ମୀନାବଜାର ସହ ଘରକରଣା ସାମଗ୍ରୀ ପସରା ପଡିଥାଏ। ଏକ ଭାଇଚାରା ବାର୍ତ୍ତା ବହନ କରେ ଗୋଳବାଇ ଦୋଳ ମେଳଣ। ଗ୍ରାମୀଣ ସଂସ୍କୃତିର ଝଲକ ଏହି ସମୟରେ ଦେଖିବାକୁ ମିଳେ। ସନ୍ଧ୍ୟାରେ ନାମ ସଂକୀର୍ତ୍ତନରେ ପଡିଆ ପ୍ରକମ୍ପିତ ହୋଇଥାଏ। ସନ୍ଧ୍ୟା ଆଳତି ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଥାଏ। ମେଳଣ ଶେଷ ଦିବସରେ ଭଗବତୀଙ୍କ ସହ ଚତୁଃପାର୍ଶ୍ୱରେ ବିମାନରରୂଢ ସମସ୍ତ ଠାକୁର ଏକାଠି ହୋଇଥାନ୍ତି। ଶ୍ରଦ୍ଧାଳୁ ଫଗୁ, ରଙ୍ଗ ଠାକୁରଙ୍କ ନିକଟରେ ଅର୍ପଣ କରିଥାନ୍ତି। ପରେ ନିମନ୍ତ୍ରିତ ଠାକୁର ଦୋଳ ବିମାନରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ସଂସ୍କୃତି ଗବେଷକ ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ କୁହନ୍ତି, ପୂର୍ବ ପରମ୍ପରା ଅନୁସାରେ ଦଶମେଳ ଯାତ୍ରାର ଥାନପତି ହେଉଛନ୍ତି ମହାପ୍ରଭୁ ନୃସିଂହନାଥ। ଏହି ପଞ୍ଚାୟତ ଅଧୀନ ଗଙ୍ଗା ପାହାଡରେ ଅନୁଷ୍ଠିତ ହେଉଥିଲା। ସମୟକ୍ରମେ କୌଣସି କାରଣରୁ ମା'ଭଗବତୀ ଥାନପତି ଭାବେ ବିଜେ କରି ଆସୁଛନ୍ତି। ଏହାର ପରମ୍ପରା ବହୁ ପ୍ରାଚୀନ। ସମୟକ୍ରମେ ଏହାର ବ୍ୟାପକତା ବୃଦ୍ଧି ପାଇବା ସହ ଏହାର ପରାମ୍ପରା ଉଜ୍ଜିବୀତ ରହିଛି। ଯାତ୍ରାର ସୁପରିଚାଳନା ନିମନ୍ତେ ଦଶଦୋଳ ଯାତ୍ରା କମିଟି ରହିଛି।

## ଏକାଠି ହେଲେ ୨୨ ଠାକୁର



ମୁକୁନ୍ଦପ୍ରସାଦଠାରେ ଅନୁଷ୍ଠିତ ଦୋଳମେଳଣରେ ବିରାଜମାନ ହୋଇଥିବା ବିମାନ।



ଠେଙ୍ଗାହାଟଠାରେ ଅନୁଷ୍ଠିତ ଦୋଳ ମେଳଣ।

**ମୁକୁନ୍ଦପ୍ରସାଦ, ଠେଙ୍ଗାହାଟ ୧୦ଦୋଳ ମେଳଣ ଆରମ୍ଭ**

ଖୋର୍ଦ୍ଧା ଅଫିସ,୨୮।୩

ଉତ୍କଳୀୟ କଳା ସଂସ୍କୃତି, ପରମ୍ପରାର ସ୍ୱତନ୍ତ୍ରତା ରହିଛି। ଫାଲଗୁନ ମାସ ଫଗୁ ଦଶମୀ ଠାରୁ ଦୋଳ ଉତ୍ସବ ପୁରପଲ୍ଲୀରେ ଆଡମ୍ବରରେ ପାଳନ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧାର ମୁକୁନ୍ଦପ୍ରସାଦ ଏବଂ ଠେଙ୍ଗାହାଟରେ ୧୦ ଦୋଳ ମେଳଣ ଉତ୍ସବ ଆରମ୍ଭ ହୋଇଛି। ଏହି ଉତ୍ସବ ମହାଆଡ଼ମ୍ବରରେ ପାଳିତ ହେଉଥିବା ବେଳେ ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁ ଶୋଭାଯାତ୍ରା ଓ ଜାତାଣ ବାଣ ଫୁଟାଇବା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବନ୍ଦ ରହିଛି।

ମୁକୁନ୍ଦପ୍ରସାଦ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ମୁକୁନ୍ଦପ୍ରସାଦ ମେଳଣ ପଡିଆରେ ଦୋଳ ଉତ୍ସବର ଠିକ୍ ଦଶମ ଦିନ ଏହି ମେଳଣ ଉତ୍ସବ ଆୟୋଜନ ହୋଇଥାଏ। ଜନଶ୍ରୁତି ଅନୁଯାୟୀ ପ୍ରାୟ ଶହେ ବର୍ଷ ଧରି ଏହି ମେଳଣ ଆୟୋଜିତ ହୋଇଆସୁଛି। ଠାକୁରମାନେ ମୁକୁନ୍ଦପ୍ରସାଦ ଛକରୁ ଏକ ବିରାଟ ପଟୁଆରରେ ମେଳଣ ପଡିଆକୁ ଆସିଥାନ୍ତି। ତିନି ଦିନ ଧରି ମେଳଣ ପଡିଆ ଲୋକାରଣ୍ୟ ହୋଇଉଠେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ଯାନିଯାତ୍ରା, ମୀନାବଜାର, ଘରକରଣା ସାମଗ୍ରୀ ପସରା ମେଲିଥାଏ। ଥାନପତି ଭାବେ ଗ୍ରାମର ଦଧିବାମନ ଦେବ ବିଜେ କରନ୍ତି। ମୁକୁନ୍ଦପ୍ରସାଦର ଗୋପୀନାଥ, ଈଶାଣେଶ୍ୱର, ରଘୁନାଥ, ଜେମାଦେଈର ବାଲୁଙ୍କେଶ୍ୱର, ଅସୁରଡିହ ବାଲୁଙ୍କେଶ୍ୱର, ପିତାପଲୀର ମହାଦେବ, ପାଇକତିଗିରିଆର ମହାଦେବ, ଉପରବସ୍ତ କେଦାରେଶ୍ୱର ପ୍ରମୁଖ ଆସିଥାନ୍ତି। କମିଟିର ପ୍ରସନ୍ନ ମହାନ୍ତି, ପ୍ରାଣବନ୍ଧୁ ବେହେରା, ଗୌରୀଶଙ୍କର ମିଶ୍ର, ଧନେଶ୍ୱର ମହାପାତ୍ର, କୃପାସିନ୍ଧୁ ପ୍ରଧାନଙ୍କ ସମେତ ଅନ୍ୟମାନେ ଦାୟିତ୍ୱରେ ରହିଛନ୍ତି। ସେହିପରି ସୋମବାର ଠାରୁ ଆରମ୍ଭ ହୋଇଛି ଠେଙ୍ଗାହାଟ ୧୦ଦୋଳ ମେଳଣ। ଠେଙ୍ଗାହାଟ ମେଳଣ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ୩ଦିନ ଧରି ଆଡମ୍ବରରେ ପାଳନ ହୋଇଥାଏ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୀନବଜାର ଜମିଥାଏ। ସାମନ୍ତପୁରର ସ୍ଥିତ ଶ୍ରୀସିଦ୍ଧେଶ୍ୱର ହେଉଛନ୍ତି ଥାନପତି। ଏଥିସହିତ ମଧୁସୁଦନନଗର ଶ୍ରୀଜଗନ୍ନାଥ, ଶାଗୁଆନ ବଗିଚାର ଭଗବତ ଦେବ, ଗୁଡିପୋଖରୀର ରାମନାଥ, କାହ୍ନୁ ସାଗରର ସୋମନାଥ, ଡାକ୍ତର ସାହିର ଲକ୍ଷ୍ମୀନାରାୟଣ, ଟିଏଲସିର ତାରକେଶ୍ୱର, ରାଧାବଲ୍ଲଭ ସାହିର ରାଧାବଲ୍ଲଭ, ବରାଡ଼ ବାଲୁଙ୍କେଶ୍ୱର, ଗୋପିନାଥ ଉପରସାହିର ଗୋପାଳଜୀଉ, ବାଲୁଙ୍କେଶ୍ୱର, ହାବେଳି ପଡିଆର ସ୍ୱପ୍ନେଶ୍ୱର ମହାଦେବ ପ୍ରମୁଖ ବିଜେ କରନ୍ତି। ମେଳଣ ଆୟୋଜନ କମିଟିରେ ସର୍ବେଶ୍ୱର ପ୍ରଧାନ, ଲଳିତ ମୋହନ ମହାପାତ୍ର, ମନୋଜ ବାରିକ, ଲକ୍ଷ୍ମୀଧର ବେହେରା, ଆଶୀର୍ବାଦ ବେହେରା, ବୀରକିଶୋର ବେହେରା, ବାବୁଲା ପଣ୍ଡା ପ୍ରମୁଖ ରହିଛନ୍ତି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ସ୍କୁଟି ଚାଳକ ମୃତ

ନିଶ୍ଚିନ୍ତକୋଇଲି,୨୮।୩(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ପଞ୍ଚାୟତ ଅନ୍ତର୍ଗତ ନାହାଲପୁର ଗ୍ରାମରେ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ।ହାଲପୁର ଗ୍ରାମର ହେମନ୍ତ କୁମାର ଦାସ (୩୮)। ସେ ସ୍ଥାନୀୟ ବଜାରରେ କ୍ଷୀର ବ୍ୟବସାୟ କରି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ହେମନ୍ତଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଆଠଗଡ,୨୮।୩(ସ୍ୱ.ପ୍ର.): ପୁରୁଣା କଟକ ସମ୍ବଲପୁର ରାସ୍ତା ଇଚ୍ଛାପୁର ଛକ ନିକଟରେ ଏକ ଗାଡି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଢେଙ୍କାନାଳ ଜିଲା ସଦର ଥାନା ଅନ୍ତର୍ଗତ ବାଲ୍ୟାମ୍ବା ଗ୍ରାମର ଜୟକୃଷ୍ଣ ମାଝୀଙ୍କ ପୁଅ ଦୁର୍ଗାଚରଣ ମାଝୀ(୨୬)। ଦୁର୍ଘଟଣା ଘଟାଇଥିବା ଗାଡ଼ି ସମ୍ପର୍କରେ ଜଣାପଡ଼ି ନାହିଁ। ଦୁର୍ଗାଚରଣ ଘରୁ ବାଇକ୍‌ରେ ଆଠଗଡ ଅଭିମୁଖେ ଆସୁଥିବା ବେଳେ ଇଚ୍ଛାପୁର ଛକ ନିକଟରେ ଏକ ଗାଡି ତାଙ୍କୁ ସାମ୍ନା ପଟୁ ଧକ୍କା ଦେଇ ପଳାଇଯାଇଥିଲା। ଫଳରେ ଘଟଣା ସ୍ଥଳରେ ଦୁର୍ଗାଙ୍କ ମୃତ୍ୟୁ ଘଟିଛି। ଖବରପାଇ ଆଠଗଡ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିବା ସହ ଆଠଗଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ୮ ମେଣ୍ଢା ଉପରେ ଚଢ଼ିଗଲା ଯାତ୍ରୀବାହୀ ବସ୍

ଆଠଗଡ,୨୮।୩(ସ୍ୱ.ପ୍ର.): ଆଠଗଡ ମୁଣ୍ଡଳୀ ରାସ୍ତା କଇଥ ଛକ ନିକଟ ସୁଧାଂଶୁମୋହନପୁର ଶବର ସାହି ନିକଟରେ ଏକ ଯାତ୍ରୀବାହୀ ବସ୍ ଚଢ଼ିଯିବାରୁ ୮ ମେଣ୍ଢାଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ବସ୍ ଚାଳକ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ ଅଟକ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଏଥିସହ ଉକ୍ତ ବସ୍ କାଚକୁ ଭାଙ୍ଗି ଦେଇଛନ୍ତି। ଘଟଣାରୁ ପ୍ରକାଶ, ସୁଧାଂଶୁ ମୋହନପୁର ଶବର ସାହିର ଯୁଗଳ ଦେହୁରୀ ମେଣ୍ଢା ଚରାଇ ଫେରୁଥିବା ସମୟରେ ଆଠଗଡ ପଟୁ ଭୁବନେଶ୍ୱର ଯାଉଥିବା ଏକ ଯାତ୍ରୀବାହୀ ବସ୍ ସେମାନଙ୍କ ଉପରେ ଚଢ଼ି ଯାଇଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା। ଉତ୍ୟକ୍ତ ଲୋକେ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

### କର୍ମକର୍ତ୍ତା, ଜୋନ୍ କୋଅର୍ଡିନେଟର ନିର୍ବାଚିତ

କଟକ ଅଫିସ,୨୮।୩: କଟକ ସିଟି ଇଂଜିନିୟର୍ସ କ୍ଲବର ଦ୍ୱିମାସିକ ସାଧାରଣ ଅଧିବେଶନ ସଭାପତି ଇଂ ତାପସ ଚନ୍ଦ୍ର ସାମନ୍ତଙ୍କ ଅଧକ୍ଷତାରେ ଜଗତପୁର ଇରିଗେସନ ଆଇବିଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ଉପସଭାପତି ଇଂ ସୂର୍ଯ୍ୟେଶ୍ୱର ସ୍ୱାଇଁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଇଲେକ୍ସନ୍ ଅଫିସର ଇଂ ପ୍ରତାପ ସ୍ୱାଇଁ ଚଳିତ ବର୍ଷ ପାଇଁ ନବ ନିର୍ବାଚିତ କର୍ମକର୍ତ୍ତା ଏବଂ ଜୋନ୍ କୋଅର୍ଡିନେଟରମାନଙ୍କ ନାମ ଘୋଷଣା କରିଥିଲେ। ସେମାନଙ୍କୁ ସ୍ୱାଗତ କରାଯାଇ ଦିବଂଗତ ସଭ୍ୟଙ୍କ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କ୍ଲବର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ସମ୍ପାଦକ ଇଂ ମିହିର ବାରିକ ପୂର୍ବ ସଭାର ବିବରଣୀ ପାଠ କରିଥିବାବେଳେ କୋଷାଧକ୍ଷ ଇଂ ମୋବାସାର ଅହମଦ କ୍ଲବର ବିଗତ ବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ବୈଠକରେ ଇଂ ଗଗନ ବିହାରୀ ଛାଟୋଇ, ଇଂ ଧୀରେନ୍ଦ୍ର ବିଶ୍ୱାଳ, ଇଂ ବ୍ରଜକିଶୋର ପଟ୍ଟନାୟକ, ଇଂ ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉପସଭାପତି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାଲରୁ ନାଗ ସାପ ଉଦ୍ଧାର

ଆଠଗଡ଼,୨୮।୩(ସ୍ୱ.ପ୍ର.): ଆଠଗଡ଼ ବ୍ଲକ କନ୍ଦରପୁର ଗ୍ରାମର ଶିଶିର କୁମାର ବାରିକଙ୍କ ଘରେ ଥିବା ଏକ ମାଛ ଜାଲରେ ଗୋଟିଏ ନାଗ ସାପ ଫସିଯାଇଥିଲା। ଏହାଦେଖି ପରିବାର ଲୋକେ ଭୟଭୀତ ହୋଇଯାଇଥିଲେ। ଖବରପାଇ ସାପ ଧରାଳି ସୁଶାନ୍ତ କୁମାର ପାତ୍ର ପହଞ୍ଚି ନାଗସାପକୁ ଉଦ୍ଧାର କରି ବନବିଭାଗ ସହାୟତାରେ ଜଙ୍ଗଲରେ ଛାଡି ଦେଇଛନ୍ତି।

# ଭତ୍ତା ପାଇଁ ବୃଦ୍ଧାବୃଦ୍ଧଙ୍କ ଧାରଣା

ସାଲେପୁର,୨୮।୩(ଡି.ଏନ.ଏ.)

**ପୁରୁଣାହାଟ ପଞ୍ଚାୟତ**
- ସରପଞ୍ଚ ପ୍ରାର୍ଥୀଙ୍କୁ ସମର୍ଥନ କରିବାରୁ ଭତ୍ତା ଦେବାରେ ଟାଳଟୁଳ
- ଖରାରେ ଚେତା ହରାଇଲେ କେତେଜଣ ଆନ୍ଦୋଳନକାରୀ

କଟକ ଜିଲା ସାଲେପୁର ବ୍ଲକ ଅନ୍ତର୍ଗତ ପୁରୁଣାହାଟ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବୃଦ୍ଧାବୃଦ୍ଧମାନେ ସୋମବାର ଖରାରେ ଧାରଣା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ପକ୍ଷରୁ ମିଳୁଥିବା ଭତ୍ତା ଅର୍ଥ ପ୍ରଦାନ କରାଯାଇନାହିଁ। ଜଣେ ସରପଞ୍ଚ ପ୍ରାର୍ଥୀଙ୍କୁ ନିର୍ବାଚନବେଳେ ସମର୍ଥନ କରିଥିବାରୁ ଭତ୍ତା ଟଙ୍କା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଇଛି। ହିତାଧିକାରୀମାନେ ଗରିବ ଶ୍ରେଣୀର ହୋଇଥିବାରୁ ଟଙ୍କା ନ ମିଳିବାରୁ ଚଳିବା ପାଇଁ ଅସୁବିଧା ହେଉଛି। ଏନେଇ ଧାରଣାକାରୀ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ପୂର୍ବରୁ ଏହି ଧାରଣାକାରୀମାନେ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ଜଣେ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ସମ୍ପୃକ୍ତ ଅଧିକାରୀ ସେମାନଙ୍କୁ ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ଘରୁ ଭତ୍ତା ଅର୍ଥ ଆଣିବାକୁ କହିଥିଲେ। ଶେଷରେ ନ ମିଳିବାରୁ ବାଧ ହୋଇ ସେମାନେ ଧାରଣା ଦେଇଥିବା କହିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି। ଦୀର୍ଘ ସମୟ ଧରି ଧାରଣା ଦେବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କେହି ଅଧିକାରୀ ସେଠାକୁ ନ ଯିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଖରା ସହି ନ ପାରି କେତେଜଣ ବୃଦ୍ଧାବୃଦ୍ଧ ସେଠାରେ ଚେତା ଶୂନ୍ୟ ହୋଇଯାଇଥିଲେ। ଅସୁସ୍ଥମାନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଅପରାହ୍ନରେ ଧାରଣାସ୍ଥଳକୁ ବ୍ଲକ ପ୍ରଶାସନ ଅଧିକାରୀମାନେ ଯାଇ ଧାରଣାକାରୀଙ୍କୁ ବୁଝାଶୁଝା କରିଥିବା ଜଣାପଡ଼ିଛି।


ପୁରୁଣାହାଟ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବୃଦ୍ଧାବୃଦ୍ଧମାନେ ଧାରଣା ଦେଇଛନ୍ତି।

## ଉତ୍ତରପ୍ରଦେଶର ହସ୍ତତନ୍ତ ଡିଜାଇନରଙ୍କୁ ମାଡ଼, କାର୍ ଭଙ୍ଗାରୁଜା

ଟିଗିରିଆ,୨୮।୩(ଡି.ଏନ୍.ଏ.)

ଉତ୍ତରପ୍ରଦେଶର ଜଣେ ହସ୍ତତନ୍ତ ଡିଜାଇନରଙ୍କୁ କେତେଜଣ ଦୁର୍ବୃତ୍ତ ମାଡ଼ମାରିବା ସହିତ ତାଙ୍କ କାର୍‌କୁ ଭଙ୍ଗାରୁଜା କରିଥିବା ଟିଗିରିଆ ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୬୮/୨୨) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଉତ୍ତରପ୍ରଦେଶସ୍ଥିତ ଗୋରଖପୁରର ଅନୁପ ଚୌଧୁରୀ ଏବଂ ତାଙ୍କ ସାନଭାଇ ଅମିତ ନିଜ କାରରେ ଢେଙ୍କାନାଳ ଭାପୁର ଅଞ୍ଚଳରୁ ଟିଗିରିଆ ଅଭିମୁଖେ ଫେରୁଥିଲେ। ବାଟରେ ଟିଗିରିଆ ଥାନା ଅନ୍ତର୍ଗତ ଭେଜିଆ ଜଙ୍ଗଲ ଘାଟି ରାସ୍ତାରେ ୨୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ତାଙ୍କୁ ଅଟକାଇବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ନିସ୍ତୁକ ମାଡ଼ ମାରିଥିଲେ। ତାଙ୍କ କାରକୁ ପଥର ମାରି ଭଙ୍ଗାରୁଜା କରିଥିଲେ। ସହାୟତା ପାଇଁ ନୂଆପାଟଣା ଅଞ୍ଚଳରୁ କିଛି ପରିଚିତ ସମ୍ପର୍କୀୟଙ୍କୁ ଅନୁପ ମୋବାଇଲ୍‌ରେ ଫୋନ କରି ଡକାଇବା ପରେ ଦୁର୍ବୃତ୍ତମାନେ ସେଠାରୁ ପଳାଇ ଯାଇଥିଲେ। ଖୁବ୍‌ଶୀଘ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି।

# ଡେପୁଟି ମେୟର ନିର୍ବାଚନ ପାଇଁ ଅଙ୍କକଷା

କଟକ ଅଫିସ,୨୮।୩

**୭ରେ ଶପଥ ନେବେ ମେୟର, କର୍ପୋରେଟର**

ଶେଷ ହୋଇଛି ପୌର ନିର୍ବାଚନ। କଟକ ସହରବାସୀ ବାଛିଛନ୍ତି ନିଜର ପ୍ରତିନିଧି। ନବ ନିର୍ବାଚିତ ୫୯ କର୍ପୋରେଟର ଏବଂ ମେୟର ସୁବାସ ସିଂ ଏପ୍ରିଲ ୭ରେ ଶପଥ ଗ୍ରହଣ କରିବେ। ମ୍ୟୁନିସିପାଲ ପ୍ରଶାସନର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ପ୍ରଥମେ ମେୟରଙ୍କୁ ଶପଥ ପାଠ କରାଇବେ। ଏହାପରେ ୫୯ କର୍ପୋରେଟର ଶପଥ ନେବେ। ଏଥିସହ ସେହିଦିନ ଡେପୁଟି ମେୟର ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ୫୯ କର୍ପୋରେଟରଙ୍କ ମଧ୍ୟରୁ ଜଣଙ୍କୁ ଡେପୁଟି ମେୟର ପାଇଁ ବଛାଯିବ।

ସୂଚନାଯୋଗ୍ୟ, ଗତ ୨୬ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲା। ପ୍ରଥମଥର ପାଇଁ ପ୍ରତ୍ୟକ୍ଷ ଭାବେ ମେୟର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଜେଡିର ସୁବାସ ସିଂ ୧,୧୩, ୫୬୨ ଭୋଟ ପାଇ ବିଜୟୀ ହୋଇଥିଲେ। ସେହିପରି ୫୯ କର୍ପୋରେଟର ମଧ୍ୟରୁ ୩୮ଟି ବିଜେଡି, ୮ଟି କଂଗ୍ରେସ, ୭ଟି ଭାଜପା ଓ ୬ଟି ୱାର୍ଡରେ କର୍ପୋରେଟର ନିର୍ବାଚିତ ହୋଇଛନ୍ତି।


ତେଲଗୁ ନବ ବର୍ଷ ପାଳନ ଅବସରରେ ସୋମବାର କଟକର ଐକ୍ୟତ ପକ୍ଷରୁ ମହିଳାଙ୍କ ମଧ୍ୟରେ ପିଠା ପୂଜାଥାଳି ପ୍ରତିଯୋଗିତା।

## ପୌରାଧକ୍ଷ ପ୍ରାର୍ଥିନୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ: ଅଭିଯୁକ୍ତ ଗିରଫ

ଆଠଗଡ଼, ୨୮।୩(ସ୍ୱ.ପ୍ର.)

ଆଠଗଡ଼ ସହର ମଧ୍ୟସ୍ଥଳ ନରସିଂହ ପୁର ବଜାର କମିଟି କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପୌରାଧକ୍ଷ ପ୍ରାର୍ଥିନୀ ସୁଶ୍ରୀ ଇଲା ପଣ୍ଡାଙ୍କୁ ରବିବାର ସନ୍ଧ୍ୟାରେ କାର୍ ଚଢ଼ାଇ ହତ୍ୟା ଉଦ୍ୟମ କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ମାମଲା (ନଂ. ୭୪/୨୨) ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ସୋମବାର ସନ୍ତୋଷ କୁମାର ରଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ନିର୍ବାଚନର ଫଳାଫଳକୁ ନେଇ ସେ ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ଏହାପରେ ସେ ଘରକୁ ଫେରୁଥିବା ସମୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ କରୁଥିବା ସନ୍ତୋଷ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କାର୍ ଚଢ଼ାଇ ଦେବାକୁ ଉଦ୍ୟମ କରିଥିଲେ। ଫଳରେ ପଣ୍ଡାଙ୍କ ମୁଣ୍ଡ ଏବଂ ଗୋଡ଼ରେ ଆଘାତ ଲାଗିଥିଲା। ଆଠଗଡ଼ ଏନ୍‌ଏସିର ୩ନଂ ୱାର୍ଡ ନବନିର୍ବାଚିତ କଂଗ୍ରେସ କାଉନସିଲର ମନୋରଞ୍ଜନ ପଟ୍ଟନାୟକଙ୍କ ସହାୟତାରେ ଡାକ୍ତରଖାନାରେ ତାଙ୍କ ଆଶୁ ଚିକିତ୍ସା କରାଯାଇଥିଲା। ପ୍ରତିବାଦରେ ଭାଜପା କର୍ମୀ ଓ ସାଧାରଣ ଲୋକେ ଆଠଗଡ଼ ଥାନା ଘେରାଉ କରିଥିଲେ।

## ହିନ୍ଦ୍ ମଜଦୁର ସଭା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ଆଠଗଡ଼/ସାଲେପୁର, ୨୮।୩(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଆହ୍ୱାନ କ୍ରମେ ଭାରତ ବନ୍ଦ ଆନ୍ଦୋଳନ ପାଇଁ ଆଠଗଡ଼ରେ ହିନ୍ଦ୍‌ମଜଦୁର ଶାଖା ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ମନୋଜ ନାୟକ, ପ୍ରଦୀପ ସାହୁ, ବିପିନ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ସାଲେପୁରରେ ଶ୍ରମିକ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ଓ ପ୍ରତିବାଦ ସଭା କରାଯାଇଥିଲା। ଏହି ଅବସରରେ ଆନ୍ଦୋଳନକାରୀମାନେ ମାଛୁଆତି ଛକରୁ ଶୋଭାଯାତ୍ରାରେ ବାହାରି ସାଲେପୁର ବଜାର ପରିକ୍ରମା କରିଥିଲେ। ପ୍ରତିବାଦ ସଭାରେ ସଜେନ୍ଦ୍ର ବେହେରା ପୌରୋହିତ୍ୟ କରିଥିବାବେଳେ ପୀତାମ୍ବର ଲେଙ୍କା, ସୁନାକର ବରାଳ, କେଶବ ଷଡ଼ଙ୍ଗୀ ଓ ବାସୁଦେବ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରାଭେଲ୍ ସଂସ୍ଥାର କାର୍ ଜବତ

**ପେଟ୍ରୋଲ ପମ୍ପରେ ଗୁଳିମାଡ଼ ଘଟଣା**



ଭୁବନେଶ୍ୱର,୨୮।୩(ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ଗୋଲେଇ ଛକ ନିକଟ ଏକ ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ କେନ୍ଦ୍ର କରି ଗୁଳିମାଡ଼ ଘଟଣାରେ ପୋଲିସ ଅଭିଯୁକ୍ତ ବ୍ୟବହାର କରିଥିବା ଗୋଟିଏ କାର୍‌କୁ ଜବତ କରିଛି। କ୍ୟାପିଟାଲ୍ ଥାନା ଅଞ୍ଚଳରେ ଥିବା ପାତ୍ର ଟୁର୍‌ସ ଏଣ୍ଡ ଟ୍ରାଭେଲ୍ସରୁ ଅଭିଯୁକ୍ତ ଉକ୍ତ କାର୍‌ଟି ଆଣିଥିଲେ। ଏ ନେଇ ପୋଲିସ ଜଣେ ଯୁବକଙ୍କ ନାମରେ (ନଂ.୧୩୫/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଉକ୍ତ ସଂସ୍ଥାର ରବିବାର ସକାଳେ କାର୍ ଭଡ଼ାରେ ନେଇ ଗଣ୍ଡଗୋଳ ଘଟାଇବା ପରେ ରାତି ୧୧ଟାରେ ଫେରାଇ ଦେଇଥିଲେ। ହେଲେ ଉକ୍ତ ସଂସ୍ଥାରେ ନିଜ ନାଁ ବଦଳରେ କେବଳ ମୋବାଇଲ ନମ୍ବର ଦେଇଥିଲେ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ରବିବାର ରାତିରେ ଝାରପଡ଼ା ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ ବିଭିନ୍ନ ଗାଡ଼ି ଧାଡ଼ିରେ ରହିଥିଲା। ଏହି ସମୟରେ ୨ଯୁବକ ଏକ କାର୍ ନେଇ ଧାଡି ଭାଙ୍ଗି ମଝିରେ ପଶି ଆସି ତେଲ ପକାଇଥିଲା। ଫଳରେ ଧାଡ଼ିରେ ଥିବା ଗ୍ରାହକ ଓ ପେଟ୍ରୋଲ କର୍ମଚାରୀଙ୍କ ସହ ସମ୍ପୃକ୍ତ ଦୁଇ ଯୁବକଙ୍କ ମଧ୍ୟରେ ଝଗଡା ହୋଇଥିଲା। ଉକ୍ତ ଯୁବକଦ୍ୱୟ ତେଲ ପକାଉଥିବା କର୍ମଚାରୀ ସିପୁନ ଖୁଣ୍ଟିଆଙ୍କୁ ଗାଳି କରି ମାଡ଼ ମାରିଥିଲେ। ସେହି ସମୟରେ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ପିସ୍ତଲ ବାହାର କରି ୨ ରାଉଣ୍ଡ ଗୁଳି ଫୁଟାଇବାରୁ ଗୋଟିଏ ଗୁଳି ନିକଟରେ ଥିବା ବିଶ୍ୱଜିତ ବେହେରାଙ୍କ ଗୋଡରେ ବାଜିଥିଲା।

# ସୂଚନା ନ ପାଇ ଛାତ୍ରୀଛାତ୍ର ହଇରାଣ

କଟକ ଅଫିସ,୨୮।୩

**ରେଭେନ୍‌ଶାରେ ପିଜି, ୟୁଜି ସେମିଷ୍ଟର ପରୀକ୍ଷା ସ୍ଥଗିତ**

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଯୋଗୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଚାଲିଥିବା ପିଜି ଏବଂ ୟୁଜି ସେମିଷ୍ଟର ପରୀକ୍ଷା ସ୍ଥଗିତ ରଖାଯାଇଛି । ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ଭାରତ ବନ୍ଦ କାରଣରୁ ୨୮ ଓ ୨୯ ତାରିଖ ୨ଦିନ ପାଇଁ ପରୀକ୍ଷା ସ୍ଥଗିତ ରହିଛି। ଏହି ଦିନରେ ହେବାକୁ ଥିବା ସମ୍ପୃକ୍ତ ବିଷୟର ପରୀକ୍ଷା କେବେ କରାଯିବ ତାହା ଖୁବଶୀଘ୍ର ଛାତ୍ରୀଛାତ୍ରଙ୍କୁ ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପରୀକ୍ଷା ସ୍ଥଗିତ ନେଇ ବିଭିନ୍ନ ବିଶ୍ୱବିଦ୍ୟାଳୟ ୨୭ ତାରିଖରୁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ମାତ୍ର ରେଭେନ୍‌ଶା କର୍ତ୍ତୃପକ୍ଷ ୨୮ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ତେବେ ଏହି ବିଜ୍ଞପ୍ତି ବିଷୟରେ ଅନେକ ଛାତ୍ରୀଛାତ୍ର ସୂଚନା ନ ପାଇ ସୋମବାର ପରୀକ୍ଷା ଦେବାକୁ ଆସିଥିଲେ। ଛାତ୍ରୀଛାତ୍ରୀମାନେ କ୍ଲାସ୍‌କୁ ଯାଇଥିବାବେଳେ କର୍ତ୍ତୃପକ୍ଷ ପକ୍ଷରୁ ପରୀକ୍ଷା ସ୍ଥଗିତ ଥିବା ଜଣାଇବା ପରେ ସେମାନେ ନିରାଶରେ ଫେରିଥିଲେ। ଏ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସୂଚନାଯୋଗ୍ୟ, ରେଭେନ୍‌ଶାରେ ସ୍ନାତକୋତ୍ତର (ପିଜି)ର ତୃତୀୟ ସେମିଷ୍ଟର ଏବଂ ସ୍ନାତକ (ୟୁଜି)ର ୫ମ ଓ ୩ୟ ସେମିଷ୍ଟରର ପରୀକ୍ଷା ଚାଲିଛି।

## କାରଖାନା ସମ୍ମୁଖରେ ଏଚ୍‌ଏମ୍‌ଏସ୍ ପକ୍ଷରୁ ବିକ୍ଷୋଭ

ଖୁଣ୍ଟୁଣୀ,୨୮।୩(ଡି.ଏନ.ଏ)

କେନ୍ଦ୍ରୀୟ ଶ୍ରମ ସଂଗଠନର ୧୨ଦଫା ଦାବି ନେଇ ସୋମବାର ଦିଆଯାଇଥିବା ଦୁଇଦିନିଆ ଭାରତ ବନ୍ଦ ଓ ସର୍ବଭାରତୀୟ ଧର୍ମଘଟ ଡାକରାରେ ହିନ୍ଦ ମଜଦୂର ସଭା ସାମିଲ ହୋଇଛି। ସଂଗଠନ ପକ୍ଷରୁ ଖୁଣ୍ଟୁଣୀ ଅଞ୍ଚଳରେ ଥିବା ବିଭିନ୍ନ କଳକାରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସକାଳ ୮ ଟାରେ ଏଚ୍‌ଏମ୍‌ଏସ୍ ରାଜ୍ୟ ସମ୍ପାଦକ ତଥା ସର୍ବଭାରତୀୟ ଷ୍ଟିଲ ମେଟାଲ ଇଞ୍ଜିନିୟରିଂ ଫେଡରେଶନର ଉପସଭାପତି ବିରଜା କିଙ୍କର ନାୟକଙ୍କ ନେତୃତ୍ୱରେ ଖୁଣ୍ଟୁଣୀ ଥାନା ଅନନ୍ତପୁରରେ ଭୁବନେଶ୍ୱର ପାୱାର ଓ ଟାଟା ଷ୍ଟିଲସ ଆଣ୍ଡ ମାଇନ୍ସ ଫାଟକ ଆଗରେ୧୨ ଦଫା ଦାବି ନେଇ ବିକ୍ଷୋଭ କରାଯାଇଥିଲା। ବିକ୍ଷୋଭରେ ଶ୍ରମିକ ନେତା ଶ୍ରୀକର ଜେନା, ସରପଞ୍ଚ ଶକ୍ତିକାନ୍ତ ସାହୁ, ସମିତିସଭ୍ୟ ସୌମ୍ୟରଞ୍ଜନ ପଣ୍ଡା, ସରୋଜ ପଣ୍ଡାଙ୍କ ସମେତ ଏଚ୍‌ଏମ୍‌ଏସ୍ ଅନୁବନ୍ଧିତ ଶ୍ରମିକ ୟୁନିୟନର କାର୍ଯ୍ୟକର୍ତ୍ତା ଓ ସଭ୍ୟ ଉପସ୍ଥିତ ଥିଲେ। ଏଚ୍‌ଏମ୍‌ଏସ୍ ଆଠଗଡ଼ ଶାଖା ଶ୍ରମିକ ନେତା ସନ୍ତୋଷ ବେହେରାଙ୍କ ନେତୃତ୍ୱରେ ଘଣ୍ଟିଖାଲରେ ସ୍ଥାପିତ ଆରତି ଷ୍ଟିଲ, ଓଡ଼ିଶା ସିମେଣ୍ଟ ପ୍ଲାଣ୍ଟ, ଜେକେ ଲକ୍ଷ୍ମୀ ସିମେଣ୍ଟ ପ୍ଲାଣ୍ଟ କାରଖାନା ଆଗରେ ଶ୍ରମିକ ଧାରଣା ଦେଇଥିଲେ।

## ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଲା ପୋଲିସ

ଖୁଣ୍ଟୁଣୀ,୨୮।୩( ଡି.ଏନ୍.ଏ.)

**ଓରନ୍ଦାରୁ ୧୦ ଚକିଆ ଟ୍ରକ୍ ଚୋରି ଘଟଣା**

ଗୁରୁଡ଼ିଝାଟିଆ ଥାନା ଓରନ୍ଦା ଗ୍ରାମ ରାସ୍ତାପାର୍ଶ୍ୱରୁ ଏକ ୧୦ ଚକିଆ ଟ୍ରକ ଚୋରି କରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ଜେଲ ପଠାଇଥିଲା। ଏହି ଘଟଣାରେ ଚୌଦ୍ୱାର ଜେଲରେ ଥିବା ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ସୋମବାର ଗୁରୁଡ଼ିଝାଟିଆ ପୋଲିସ ରିମାଣ୍ଡରରେ ଆଣି ପଚରାଉଚରା କରି ପୁଣି ଜେଲକୁ ପଠାଇଛି। ଅଭିଯୁକ୍ତଦ୍ୱୟ ହେଲେ ଅନୁଗୋଳ ଜିଲା ନିଶା ଥାନା ଜଙ୍ଗଲ ଜମୁଣ୍ଡା ଗ୍ରାମର ପ୍ରତାପ ପ୍ରଧାନ ଓ ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମୁକ୍ତାପଶି ଗ୍ରାମର ସୁନୀଲ ପରିଡା। ସୂଚନାଯୋଗ୍ୟ, ଓରନ୍ଦା କୁସ୍‌ପଙ୍ଗି ଗ୍ରାମର ମହେଶ୍ୱର ବେହେରାଙ୍କ ଟ୍ରକକୁ ତାଙ୍କ ଚାଳକ ଓରନ୍ଦାର ପବିତ୍ର ନାୟକ ଗତ ମାସ ୨୨ତାରିଖ ରାତିରେ କାମ ସାରି ମାଲିକଙ୍କ ଘର ସାମନାରେ ରଖିଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ଟ୍ରକକୁ ଚୋରି କରି ନେଇ ତ୍ରିଶୂଳିଆର ଏକ କବାଡ଼ିଆ ଦୋକାନରେ ଦେଇଥିଲେ। ଟ୍ରକ ଚୋରି ଘଟଣା ମାଲିକ ଜାଣିବା ପରେ ବିଭିନ୍ନ ଜାଗାରେ ଖୋଜାଖୋଜି କରି ଶେଷରେ ୨୬ତାରିଖରେ ଅଭିଯୋଗ କରିଥିଲେ। ଏ ନେଇ ଥାନା ପକ୍ଷରୁ ନଂ.୧୮/୨୨ରେ ମାମଲା କରି ପୋଲିସ ତଦନ୍ତ ଚଳାଇଥିଲା। ଅନ୍ୟ ଏକ ଟ୍ରକ ଚୋରି ଘଟଣାରେ ଚଉଳିଆଗଞ୍ଜ ପୋଲିସ କିଛିଦିନ ତଳେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ଅଧା କଟା ଏହି ଟ୍ରକ ଜବତ କରିଥିଲା। ଏହିଭଳି ଟ୍ରକ୍ ଚୋରି ହେବା ଘଟଣାରେ ୨ଜଣଙ୍କୁ ଚାଉଳିଆଗଞ୍ଜ ପୋଲିସ ଧରିଥିବା ଜାଣିଥିଲେ। ଫଳରେ ଗୁରୁଡ଼ିଝାଟିଆ ପୋଲିସର ଏକ ଟିମ୍ ଜେଲ୍‌କୁ ଯାଇ ୨ଅଭିଯୁକ୍ତଙ୍କୁ ସୋମବାର ରିମାଣ୍ଡରେ ଆଣି ପଚରାଉଚରା କରିବାରେ ଓରନ୍ଦାରୁ ଟ୍ରକ ଚୋରି କରିଥିବା ସେମାନେ ମାନିଥିଲେ। ପରେ ଦୁହିଁଙ୍କୁ ପୁଣି ଜେଲକୁ ପଠାଇ ଦେଇଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ସୁଧାକର ଭୋଇ କହିଛନ୍ତି ।

# ଲୋକାୟୁକ୍ତ ପକ୍ଷରୁ ତଦନ୍ତ ଆରମ୍ଭ

କଣ୍ଟାପଡ଼ା,୨୮।୩(ଡି.ଏନ୍.ଏ.)

**ପାଇଖାନା ନିର୍ମାଣରେ ଦୁର୍ନୀତି ଅଭିଯୋଗ**

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ କେତେକ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନାରେ ହୋଇଥିବା ପାଇଖାନା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଲୋକାୟୁକ୍ତ ପକ୍ଷରୁ ସୋମବାର ୨ଦିନିଆ ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ଲୋକାୟୁକ୍ତର ୨ଜଣ ବରିଷ୍ଠ ଅଧିକାରୀ ଉକ୍ତ ବ୍ଲକର ପାଟସୁନ୍ଦରପୁର ପଞ୍ଚାୟତର ୪ନଂ., ୭ନଂ. ଓ ୮ନଂ. ୱାର୍ଡକୁ ଯାଇ ଯେଉଁ ହିତାଧିକାରୀମାନେ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ସେମାନଙ୍କୁ ପଚରାଉଚରା କରିବାସହ ଅର୍ଦ୍ଧନିର୍ମିତ ପାଇଖାନାଗୁଡ଼ିକୁ ଦେଖିଥିଲେ। ତଦନ୍ତବେଳେ ହିତାଧିକାରୀମାନେ ଅଧିକାରୀଙ୍କ ନିକଟରେ ସେମାନଙ୍କ କ୍ଷୋଭ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସ୍ୱଚ୍ଛ ଭାରତ ଯୋଜନାରେ କଣ୍ଟାପଡା ବ୍ଲକର ପାଟସୁନ୍ଦରପୁର ପଞ୍ଚାୟତରେ ୨୦୫, ଝାରପଡାରେ ୨୦, କଣ୍ଟାପଡାରେ ୬୪, ବାଗଲପୁରରେ ୮୧, ଉରାମରେ ୧୧୮ ଓ ପୋସ୍ତଲରେ ୧୭ଟି ଘରୋଇ ପାଇଖାନା ନିର୍ମାଣ କରାଯାଇଥିଲା। ଏହି ଯୋଜନାରେ ପ୍ରତି ହିତାଧିକାରୀଙ୍କ ବାବଦରେ ୧୨ହଜାର ଟଙ୍କା ଲେଖାଏ ଦାୟିତ୍ୱରେ ଥିବା ଏସ୍‌ଏଚଜିକୁ ପ୍ରଦାନ କରାଯାଇଥିଲା। ତେବେ ପାଟସୁନ୍ଦରପୁରର ବହୁ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ପାଇଖାନାଗୁଡ଼ିକୁ ଅଧା ତିଆରି କରି ଛାଡି ଦିଆଯାଇଥିଲା। ଏ ସମ୍ପର୍କରେ ସାମାଜିକ କର୍ମୀ ଶରତ ପରିଡା ଲୋକାୟୁକ୍ତଙ୍କ ନିକଟରେ ମାମଲା ଦାଏର କରିଥିଲେ। ଲୋକାୟୁକ୍ତ କଣ୍ଟାପଡା ବ୍ଲକ ବିଡିଓ, ସହକାରୀ ଯନ୍ତ୍ରୀ ଓ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ମିଶନ କନିଷ୍ଠଯନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରିଥିଲେ। ଏ ସମ୍ପର୍କରେ ବିଡିଓ ସନ୍ତୋଷ କୁମାର ପତି କୁହନ୍ତି, ଲୋକାୟୁକ୍ତ ପକ୍ଷରୁ ତଦନ୍ତ ଚାଲିଛି। ତଦନ୍ତ ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କହିଥିଲେ।


ଲୋକାୟୁକ୍ତ ତଦନ୍ତକାରୀ ଅଧିକାରୀ ଜଣେ ହିତାଧିକାରୀଙ୍କ ପାଇଖାନାକୁ ବୁଲି ଦେଖୁଛନ୍ତି।

# ଓଡ଼ିଶା କଳା ଓ କଳାକାରଙ୍କ ଭୂମି: ମୁଖ୍ୟମନ୍ତ୍ରୀ

## ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୨୮ ।୩(ବ୍ୟୁରୋ)

ଭାରତବର୍ଷର ଏକ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ରହିଛି। ଦୀର୍ଘ ସମୟ ଧରି ବିଭିନ୍ନ ସଂସ୍କୃତିର ସମାହାରରେ ଆମ ସଂସ୍କୃତି ପରିପୁଷ୍ଟ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଜନତା ମଇଦାନଠାରେ ଷୋଡ଼ଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାକୁ ମୁଖ୍ୟମନ୍ତ୍ରୀ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏଥିସହ ଏକ ଭିଡିଓ ବାର୍ତ୍ତା ଜରିଆରେ କହିଛନ୍ତି, ଓଡ଼ିଶା କଳା ଓ କଳାକାରଙ୍କ ଭୂମି। ଆମର ଚିତ୍ରକଳା, ଭାସ୍କର୍ଯ୍ୟ, ସ୍ଥାପତ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ, ସଙ୍ଗୀତ ଓ ନୃତ୍ୟ ଆମ ଉତ୍କଳୀୟ ସଂସ୍କୃତିରେ ପ୍ରତିଫଳିତ। ଦେଶର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀ, ବୁଣାକାର, କାରିଗରମାନଙ୍କର ସମାହାର ମାଧ୍ୟମରେ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାରେ ଜାତୀୟ ସଂହତିର ଚମତ୍କାର ପ୍ରତିଫଳନ ଦେଖିବାକୁ ମିଳେ।





ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାକୁ ସୋମବାର ମୁଖ୍ୟମନ୍ତ୍ରୀ ଭର୍ଚ୍ଚୁଆଲରେ ଉଦ୍‌ଘାଟନ କରୁଛନ୍ତି। ମନ୍ତ୍ରୀ ପଦ୍ମିନୀ ଦିଆନ ମେଳା ପରିସରରେ ଷ୍ଟଲ୍ ବୁଲି ଦେଖୁଛନ୍ତି।

ରାଜଧାନୀ ଭୁବନେଶ୍ୱରକୁ କଳା ଓ କଳାପ୍ରେମୀମାନଙ୍କୁ ଆକୃଷ୍ଟ କରିବାରେ ତୋଷାଳି ମେଳା ସଫଳ ହୋଇଛି। କୋଭିଡ୍ ମହାମାରୀ ସମୟରେ ଏହି ମେଳା ଆୟୋଜିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ମେଳା ସହିତ ସମ୍ପୃକ୍ତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ବିଭାଗୀୟ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟର ହସ୍ତତନ୍ତ ଓ ହସ୍ତଶିଳ୍ପ କାରିଗରମାନଙ୍କ ଜୀବନଜୀବିକାର ସୁରକ୍ଷା, ଆର୍ଥିକ ଅଭିବୃଦ୍ଧି, ସେମାନଙ୍କର ଉତ୍ପାଦର ବିକ୍ରିବଟା ଏବଂ ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଏକ ବୃହତ୍ ବଜାରର ସୁବିଧା ସୃଷ୍ଟି କରିପାରିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ, ପାଲା, ଯୋଡ଼ିଶଙ୍ଖ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ତୋଷାଳି ମେଳା ୧୪ଦିନ ଧରି ଚାଲିବ। ପ୍ରତ୍ୟେକ ଦିନ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏହି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ବିକ୍ରିବଟା ହେବାର ବ୍ୟବସ୍ଥା କରାଯାଇଛି।



ଏକ ଷ୍ଟଲ୍‌ରେ ଦୁଇ ମହିଳା କାରିଗର କାଇଁଚରେ ସାମଗ୍ରୀ ତିଆରି କରୁଛନ୍ତି।



ତୋଷାଳି ମେଳା ମଞ୍ଚରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।



ମେଳାରେ ସେଲ୍‌ଫିର ମଜା ଉଠାଉଛନ୍ତି ଗ୍ରାହକ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଦ ଓଡ଼ିଶା ଷ୍ଟେଟ୍ ଭାରତ ସ୍କାଉଟସ୍ ଆଣ୍ଡ ଗାଇଡସ୍ ପକ୍ଷରୁ 'ରୋଭର ରେଞ୍ଜର ଫିଏସ୍ତା', ଷ୍ଟେଟ୍ ହେଡ୍‌କ୍ୱାଟର, ପୂର୍ବାହ୍ନ ୧୧ଟା।
- ୧୬ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା, ଜନତା ମଇଦାନ, ଅପରାହ୍ନ ୩ଟା।
- ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ୧୫ତମ ଗୁରୁ ଦେବପ୍ରସାଦ ଆୱାର୍ଡ କାର୍ଯ୍ୟକ୍ରମ-୨୦୨୧, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ କର୍ମଚାରୀ ଫେଡ୍ରେଶନ ସମୂହ ପକ୍ଷରୁ ଧର୍ମଘଟ, ଜିଲାପାଳଙ୍କ ଅଫିସ୍ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦ ।
- କବି ଉପେନ୍ଦ୍ର ନାଥ ପାତ୍ରଙ୍କ କବିତା ପୁସ୍ତକ ଲୋକାର୍ପଣ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

# 'ଏଏସ୍ଏସ୍ଆଇ ଫାନ୍‌ଜାଇନ୍' ଲୋକାର୍ପିତ

ଭୁବନେଶ୍ୱର, ୨୮ ।୩(ବ୍ୟୁରୋ)

ସ୍ପୋର୍ଟସ ସାଇନ୍ସ ଇଣ୍ଡିଆ (ଏସ୍ଏସ୍ଆଇ) ପକ୍ଷରୁ ସୋମବାର କ୍ରୀଡ଼ା ବିଜ୍ଞାନ ଉପରେ ଭାରତର ପ୍ରଥମ ନ୍ୟୁଜ୍ ଲେଟର 'ଏଏସ୍ଏସ୍ଆଇ ଫାନ୍‌ଜାଇନ୍' ଲୋକାର୍ପିତ ହୋଇଯାଇଛି। ଏସ୍ଏସ୍ଆଇ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୂର୍ବତନ ହକି କ୍ୟାପ୍‌ଟେନ୍ ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ଅର୍ଜୁନ ପୁରସ୍କାର ବିଜେତା ଅଲିମ୍ପିଆନ ଭାରୋତ୍ତୋଳନକାରୀ କେ. ରବି କୁମାର ଅତିଥି ଭାବେ ଯୋଗଦେଇ ଏହି ନ୍ୟୁଜ୍‌ଲେଟରକୁ ଉନ୍ମୋଚନ କରିଥିଲେ। ତେବେ ଏହା କେବଳ ଡିଜିଟାଲ ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେବ। ଏଥିପାଇଁ ssifanzine.com ନାମରେ ଏକ ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି। ଏହି ୱେବ୍‌ସାଇଟ୍‌ରେ ପ୍ରତି ମାସରେ ଉକ୍ତ ନ୍ୟୁଜ୍‌ଲେଟର ପ୍ରକାଶ ପାଇବ। ଏହି ଅବସରରେ ଦିଲୀପ ତିର୍କୀ କହିଥିଲେ, ଆମ ପାଇଁ ଗର୍ବର ବିଷୟ ଯେ ଦେଶର ଏହି ପ୍ରଥମ କ୍ରୀଡ଼ା ବିଜ୍ଞାନ ନ୍ୟୁଜ୍‌ଲେଟର ଆମ ରାଜ୍ୟରୁ ପ୍ରକାଶ ପାଇବ। ଏହା ନିଶ୍ଚିତ ଭାବେ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀଙ୍କୁ ବହୁ ଜ୍ଞାନ ବାଣ୍ଟିବ। ସେହିପରି ରବି କୁମାର କହିଥିଲେ, ଏହି ନ୍ୟୁଜ୍‌ଲେଟର ସ୍ପୋର୍ଟସ ମେଡିସିନ, ସ୍ପୋର୍ଟସ ସାଇନ୍ସ, ସ୍ପୋର୍ଟସ ଫିଜିଓଥେରାପି, ସ୍ପୋର୍ଟସ ସାଇକୋଲୋଜି ଓ ସ୍ପୋର୍ଟସ ରିହାବିଲିଟେଶନ କ୍ଷେତ୍ରରେ ଜ୍ଞାନର ବିକାଶ କରିବ। ଏସ୍ଏସ୍ଆଇର ପ୍ରତିଷ୍ଠାତା ତଥା ସିଇଓ ଡା. ସାର୍ଥକ ପଟ୍ଟନାୟକ ଉପସ୍ଥିତ ରହି ନ୍ୟୁଜ୍‌ଲେଟର ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ।



ପଦ୍ମଶ୍ରୀ ଦିଲୀପ ତିର୍କୀ, ଅଲିମ୍ପିଆନ କେ. ରବି କୁମାର, ଏସ୍ଏସ୍ଆଇର ପ୍ରତିଷ୍ଠାତା ତଥା ସିଇଓ ଡା. ସାର୍ଥକ ପଟ୍ଟନାୟକ ଓ ଅନ୍ୟମାନେ ନ୍ୟୁଜ୍‌ଲେଟରକୁ ଲୋକାର୍ପଣ କରୁଛନ୍ତି।

# ମୁଖ୍ୟ ଅଭିଯୁକ୍ତ ଖୋର୍ଦ୍ଧାରୁ ଗିରଫ

## ହିରୋଇନ କରାଇବାକୁ କହି ନାବାଳିକାଙ୍କୁ ବଳାତ୍କାର ଘଟଣା

ଭୁବନେଶ୍ୱର,୨୮ ।୩(ବ୍ୟୁରୋ)

ଆଲବମ୍‌ରେ ହିରୋଇନ କରାଇବାକୁ କହି ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଭରତପୁର ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଖୋର୍ଦ୍ଧାରୁ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବନ୍ଦର ଗାଁର ସରୋଜ ବିଶ୍ୱାଳ। ସୂଚନାନୁଯାୟୀ, ସରୋଜ ଜଣେ ବନ୍ଧୁଙ୍କ ସହାୟତରେ ଖୋର୍ଦ୍ଧାର ଜଣେ ନାବାଳିକାଙ୍କୁ ଆଲବମରେ ହିରୋଇନ କରାଇଦେବାକୁ କହି ମାର୍ଚ୍ଚ ୩ରେ ଭୁବନେଶ୍ୱର ଡକାଇ ଭରତପୁର ଅଞ୍ଚଳକୁ ନେଇଥିଲେ। ପରେ ତାଙ୍କ ସହ କିଛି ଭିଡିଓ ଶୁଟିଂ କରି ରାତିରେ ଅପହରଣ ସିନ କରିବା ଆଳରେ ହାତଗୋଡ ବାନ୍ଧି ବଳାତ୍କାର କରିଥିଲେ। ଏନେଇ ପରଦିନ ସେ ଭରତପୁର ଥାନା ଦ୍ୱାରସ୍ଥ ହୋଇଥିଲେ। ପୋଲିସ ପୂର୍ବରୁ ଜଣଙ୍କୁ ଗିରଫ କରିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତୋରା



@ ମୁନା



@ ଚନ୍ଦନ



@ କିଶୋର



@ ବିସ୍ମୟ

# ୪ ଲକ୍ଷର ଟଙ୍କାର ଔଷଧ ଜବତ ସହ ଦୋକାନ ସିଲ୍

ଭୁବନେଶ୍ୱର,୨୮ ।୩(ବ୍ୟୁରୋ): ଭୁବନେଶ୍ୱର ଏମ୍ସ ନିକଟରେ ଥିବା ଓମ୍ ସାଇ ଫାର୍ମାସ୍ୟୁଟିକାଲ ଔଷଧ ଦୋକାନରେ ଡ୍ରଗ୍ସ କଣ୍ଟ୍ରୋଲ ଟିମ୍ ସୋମବାର ଚଢାଉ କରିଛି। ସେଠାରେ ବେଆଇନ ଭାବେ ବିକ୍ରି ହେଉଥିବା ୪ଲକ୍ଷ ଟଙ୍କାର ଔଷଧ ଜବତ କରିବା ସହ ଉକ୍ତ ଦୋକାନୀକୁ ସିଲ୍ କରିଛି। ଉକ୍ତ ଦୋକାନ ପୂର୍ଣ୍ଣଚନ୍ଦ୍ର ସାହୁଙ୍କର ବୋଲି ଜଣାପଡିଛି। ତାଙ୍କ ଦୋକାନରେ ଏକ କ୍ୟାନସର ଔଷଧ ବେଆଇନ ଭାବେ ବିକ୍ରି ହେଉଥିବା ସୂଚନା ମିଳିବା ପରେ ଡ୍ରଗ୍ସ କଣ୍ଟ୍ରୋଲ ଟିମ୍ ଚଢାଉ କରି ୪ ଘଣ୍ଟା ଧରି ଯାଞ୍ଚ କରି ଉକ୍ତ ନିଷିଦ୍ଧ ଔଷଧ ଜବତ କରିଥିଲା। ପୂର୍ଣ୍ଣଚନ୍ଦ୍ର ମଧ ଇନ୍‌ପୁଟ ଲାଇସେନ୍ସ ଦେଖାଇପାରି ନ ଥିଲେ।

# ମନମୋହିଲା ଓଡ଼ିଶୀ, ଗଜଲ ଓ ଲୋକନୃତ୍ୟ

## ଆରମ୍ଭ ହେଲା ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର, ୨୮ ।୩ (ବ୍ୟୁରୋ)

ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ୧୫ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ଅନୁଷ୍ଠାନର ବରିଷ୍ଠ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ 'ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ' ପରିବେଷିତ ହୋଇଥିଲା। ଏହାକୁ ଗୁରୁ ଗଜେନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ। ଶିଳ୍ପୀମାନେ ନିଜର ନୃତ୍ୟାନୁଗ୍ରହ, ଚମତ୍କାର ପରିବେଷଣ ଦ୍ୱାରା ଉପସ୍ଥିତ ଦର୍ଶକଙ୍କ କରତାଳି ସାଉଣ୍ଟିଥିଲେ। ଦ୍ୱିତୀୟ ଉପସ୍ଥାପନା ଥିଲା ଓଡ଼ିଶୀ ଏକକ ନୃତ୍ୟ ସୂର୍ଯ୍ୟାଷ୍ଟକ। ଏହାକୁ ପରିବେଷଣ କରିଥିଲେ ମାଲେସିଆର ଗୀତିକା ଶ୍ରୀ। ପରେ କଟକ କଳାବିକାଶ କେନ୍ଦ୍ରର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ଲକ୍ଷ୍ମୀ ନୃସିଂହ ପରିବେଷଣ କରାଯାଇଥିଲା। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ପଣ୍ଡା। ପରବର୍ତ୍ତୀ ପ୍ରସ୍ତୁତିରେ ଅନସୁଲ ପ୍ରତାପ ସିଂଙ୍କ ଦ୍ୱାରା ଏକକ ତବଲାବାଦନ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହାପରେ ଆଂଶିକା ଚୌହାନଙ୍କ ଦ୍ୱାରା ଗଜଲ ଗାୟନ କରାଯାଇଥିଲା। ସନ୍ଧ୍ୟାର ଅନ୍ତିମ ପ୍ରସ୍ତୁତିରେ ଗଞ୍ଜାମ ଜିଲାର ପାରମ୍ପରିକ ଲୋକକଳା ନୃତ୍ୟ ସଖୀ ନାଟକୁ ଗୁରୁ ଆଲୋକ ବିଶୋଇ ଓ ସାଥୀ ପରିବେଷଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବର ଅତିଥି ଭାବେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଭଦ୍ରକ ବିଧାୟକ ପ୍ରଫୁଲ୍ଲ ସାମଲ, ନୃତ୍ୟ ସମାଲୋଚକ ନୀତା ବିଦ୍ୟାର୍ଥୀ, ଆର୍ଟ ଭିଜନର ସଚିବ ଗୁରୁ ଇଲିୟାନା ଚିଟାରିସ୍ତି, ଓଡ଼ିଶୀ ନୃତ୍ୟ ବିଶାରଦ ରାମଲି ଇବ୍ରାହିମ, ଚିନ୍ତା ଓ ଚେତନା ସଚିବ ସୁରେନ୍ଦ୍ର କୁମାର, ପାରାଦୀପ ଫସ୍‌ଫେଟ ଲିମିଟେଡ୍ ଅଧିକାରୀ ସୁଧୀରଞ୍ଜନ ମିଶ୍ର, ଅନୁଷ୍ଠାନ ସମ୍ପାଦକ ସୀମାଞ୍ଚଳ ପଣ୍ଡା ଏବଂ ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା। କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼ ସଙ୍ଗୀତା ଗୋସାଇଁ।

# ୪ ଅଭିଯୁକ୍ତଙ୍କ ରିମାଣ୍ଡ ସରିଲା

## ସେବାୟତ କୃଷ୍ଣଚନ୍ଦ୍ର ପ୍ରତିହାରୀ ହତ୍ୟା ଘଟଣା

ପୁରୀ ଅଫିସ, ୨୮।୩

ସେବାୟତ କୃଷ୍ଣଚନ୍ଦ୍ର ପ୍ରତିହାରୀ ହତ୍ୟା ଘଟଣାରେ ତିନିଦିନିଆ ରିମାଣ୍ଡରେ ଆସିଥିବା ୪ ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ସୋମବାର ଶେଷ ହୋଇଛି। ପୋଲିସ ମଙ୍ଗଳବାର ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରିବ ବୋଲି ସୂଚନା ମିଳିଛି। ଅଭିଯୁକ୍ତମାନଙ୍କୁ ଘଟଣାସ୍ଥଳକୁ ନେଇ ପୋଲିସ କ୍ରାଇମ ସିନ୍ ରିକ୍ରିଏଶନ କରାଇବା ସହ ପଚରାଉଚରା କରି ଅଧିକ ତଥ୍ୟ ପାଇଛି। ରିମାଣ୍ଡ ସମୟରେ ବାରବାଟୀ ଜାଗା, ବ୍ରହ୍ମଗିରି, ଚିଲିକା ଆଦି ସ୍ଥାନରେ ୪ ଅଭିଯୁକ୍ତଙ୍କ ଦ୍ୱାରା କ୍ରାଇମ ସିନ ରିକ୍ରିଏଶନ କରାଯାଇଥିଲା। ହତ୍ୟା ଘଟଣା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚରାଯାଇଥିଲା। ଏଥିସହ ଅନେକ ସ୍ଥାନରୁ ତଥ୍ୟ ଓ ପ୍ରମାଣ ପୋଲିସ ହାତରେ ଲାଗିଛି ଯାହା ପୋଲିସକୁ ଏକ ଦୃଢ ଚାର୍ଜଶିଟ୍ ପ୍ରସ୍ତୁତରେ ସହାୟକ ହେବ ବୋଲି କୁହାଯାଉଛି। ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ୩ଦିନିଆ ରିମାଣ୍ଡ ଅବଧି ମଧ୍ୟରେ ଅଭିଯୁକ୍ତଙ୍କଠାରୁ ପୋଲିସ ହାସଲ କରିଥିବା ତଥ୍ୟ ଓ ପ୍ରମାଣକୁ ନେଇ ତର୍ଜମା କରାଯିବ। ଆବଶ୍ୟକ ପଡ଼ିଲେ କୋର୍ଟରେ ଆଉଥରେ ରିମାଣ୍ଡ ଆବେଦନ କରାଯିବ।



ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ସୋମବାର ଶ୍ରୀଜୀଉଙ୍କୁ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୋମବାର ଆରମ୍ଭ ହୋଇଥିବା ୧୫ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବରେ ତ୍ରିଧାରା ଅନୁଷ୍ଠାନର ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।



ଭୁବନେଶ୍ୱରର ନବନିର୍ବାଚିତ ମେୟର ସୁଲୋଚନା ଦାସଙ୍କୁ ସୋମବାର ତାଙ୍କ ବାସଭବନରେ ଆପୋଲୋ ହସ୍ପିଟାଲର ଆଞ୍ଚଳିକ ସିଇଓ ସୁଧୀର ଏମ୍ ଡିଗିକର ଅଭିନନ୍ଦନ ଜଣାଉଛନ୍ତି। ହସ୍ପିଟାଲର ଜେନେରାଲ ମ୍ୟାନେଜର (ଅର୍ଥ) ଅମର ବେହେରା ଓ ହସ୍ପିଟାଲ ଲୋକ ସମ୍ପର୍କ ଅଧିକାରୀ ରାକେଶ ରାୟ ପ୍ରମୁଖ ଉପସ୍ଥିତ ଅଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୯ ମାର୍ଚ୍ଚ, ୨୦୨୨



## ଭାରତବନ୍ଦ ପ୍ରଭାବ




କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି, ରାଷ୍ଟ୍ରାୟତ୍ତ ସଂସ୍ଥାକୁ ବିକ୍ରି ଓ ଦରବୃଦ୍ଧିକୁ ବିରୋଧ ସହ ୧୨ ଦଫା ଦାବି ନେଇ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଏବଂ ସ୍ୱାଧୀନ ଫେଡେରେଶନଗୁଡ଼ିକ ପକ୍ଷରୁ ଦୁଇଦିନିଆ ଭାରତ ବନ୍ଦର ସୋମବାର ପ୍ରଥମ ଦିନରେ ଭୁବନେଶ୍ୱର ଜୟଦେବବିହାର ନିକଟ ୧୬ ନଂ. ଜାତୀୟ ରାଜପଥରେ ଗୋଡିମୋଟର ଅଟକାଯାଇଛି।




ଭୁବନେଶ୍ୱର ରେଳଷ୍ଟେଶନରେ ରେଳରୋକୋ କରାଯାଇଛି।

# ଦିନର ପ୍ରଥମାର୍ଦ୍ଧରେ ଦେଖିବାକୁ ମିଳିଲା ବନ୍ଦ ପ୍ରଭାବ

**ଭୁବନେଶ୍ୱର,୨୮।୩(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତି , ୪ ଶ୍ରମ ସଂହିତା ବାତିଲ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣ, ସର୍ବନିମ୍ନ ମଜୁରି ମାସିକ ୨୬ହଜାର ଟଙ୍କା କରିବା, ଠିକା ଶ୍ରମ ବ୍ୟବସ୍ଥା ସମାପ୍ତ ଦାବିରେ ୧୦ ସର୍ବଭାରତୀୟ ଟ୍ରେଡ୍ ୟୁନିଅନ ମଞ୍ଚ ପକ୍ଷରୁ ସୋମବାର ଓ ମଙ୍ଗଳବାର ଭାରତ ବନ୍ଦ ଡାକରା ଦିଆଯାଇଛି। ୧୨ ଦଫା ଦାବି ନେଇ ହୋଇଥିବା ଏହି ବନ୍ଦ ଡାକରା ସକାଳ ୬ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଦିଆଯାଇଥିବା ବେଳେ ଏଥିରୁ ଜରୁରିକାଳୀନ ସେବାକୁ ଧର୍ମଘଟରୁ ବାଦ୍ ଦିଆଯାଇଥିଲା। ଦେଶବ୍ୟାପୀ ଏହି ବନ୍ଦ ଡାକରା ଦିଆଯାଇଥିବା ବେଳେ ସୋମବାର ରାଜ୍ୟରେ ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଶ୍ରମିକ ସଂଗଠନ ପିକେଟିଂ ତଥା ରାସ୍ତାରୋକୋ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତା ଅବରୋଧ ବେଳେ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ୧୦ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ରାଜଧାନୀର ମୁଖ୍ୟ ଛକଗୁଡିକରେ ନାରାବାଜୀ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲ। ଦିନର ପ୍ରଥମାର୍ଦ୍ଧରେ ଆର୍ଥାତ୍ ମଧାହ୍ନ ପର୍ଯ୍ୟନ୍ତ ଗାଡି ଚଳାଚଳ କମ୍ ରହିବା ସହ, ବ୍ୟାବସାୟିକ ଅନୁଷ୍ଠାନ, ଦୋକାନ ବଜାର, ବ୍ୟାଙ୍କ ଓ ବୀମା କାର୍ଯ୍ୟାଳୟ ବନ୍ଦ ରହିଥିଲା। ଧର୍ମଘଟର ପ୍ରଭାବ ହାଟଗୁଡିକ ଉପରେ ମଧ ପଡିଥିଲା। ୧ ନଂ ହାଟଠାରୁ ଆରମ୍ଭ କରି ଇନ୍ଦ୍ରଧନୁ ମାର୍କେଟ ପର୍ଯ୍ୟନ୍ତ ସମସ୍ତ ହାଟ ବନ୍ଦ ରହିଥିଲା। ସେହିପରି ରମାଦେବୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏହି ଧର୍ମଘଟକୁ ଦୃଷ୍ଟିରେ ରଖି ସୋମବାର ଓ ମଙ୍ଗଳବାର ହେବାକୁ ଥିବା ପରୀକ୍ଷାଗୁଡିକୁ ବାତିଲ କରି ଅନ୍ୟ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ସକାଳୁ ମାଷ୍ଟର କ୍ୟାଣ୍ଟିନ ଛକ, ଜୟଦେବ ବିହାର, କଳ୍ପନା, ବାଣୀବିହାର, ରସୁଲଗଡ଼, ବରମୁଣ୍ଡା ଆଦି ଛକରେ ଶ୍ରମିକ ସଂଗଠନ ଓ ସମର୍ଥିତ ଦଳଗୁଡିକ ପକ୍ଷରୁ ପିକେଟିଂ କରାଯାଇଥିଲା। ଜୟଦେବ ବିହାରରେ ରାସ୍ତାରୋକୋ କରାଯିବା ଫଳରେ ଗାଡିଗୁଡିକର ଲମ୍ବା ଲାଇନ୍ ଲାଗିଥିଲା। ସେହିପରି ମାଷ୍ଟର କ୍ୟାଣ୍ଟିନ ଛକରେ ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା। ରେଳ ଷ୍ଟେଶନ ଅସୁଥିବା ଯାତ୍ରୀମାନେ ଧର୍ମଘଟ ଯୋଗୁ ବ୍ୟାଗ୍ ବୋହି ଚାଲିଚାଲି ଯାଉଥିବା ଦେଖିବାକୁ ମିଳିଥିଲା।ଆଇଏନଟିୟୁସିର କିଶୋର ଜେନା ଓ ପ୍ରଣତି ମିଶ୍ର ,ସତ୍ୟ ପ୍ରଧାନ ଏଆଇଟିୟୁସିର ରାୟନ ରେଡ୍ଡି,ଏଆଇସିସିଟିୟୁର ମହେନ୍ଦ୍ର ପରିଡା, ଲିଙ୍ଗରାଜ ଚୌଧୁରୀ ଓ ରାଧାକାନ୍ତ ସେଠୀ,ଟିୟୁସିସିର ଜ୍ୟୋତିରଞ୍ଜନ ମହାପାତ୍ର,ସିଆଇଟିୟୁର ଜନାର୍ଦ୍ଦନ ପତି, ରମେଶ ବେହେରା,ପୁଷ୍ପା ଦାସ, ଏଲପିଏଫର ବିରେନ୍ଦ୍ର ଦାସ, ସେବାର ପରିଲତା ମହାପାତ୍ର ଓ ଏଆଇୟୁଟିୟୁସିର ପୂର୍ଣ୍ଣଚନ୍ଦ୍ର ବେହେରା,ନିରଞ୍ଜନ ମହାନ୍ତି ନେତୃତ୍ୱ ନେଇ ଭୁବନେଶ୍ୱର ବିଭିନ୍ନ ଛକ ଗୁଡିକରେ ବିକ୍ଷୋଭ ପ୍ରଦର୍ଶନ ସହ ରାସ୍ତା ରୋକୋ କରିଥିଲେ। ଭୁବନେଶ୍ୱରରେ ଲିଙ୍ଗରାଜ ବିସ୍କୁଟ ଫ୍ୟାକ୍ଟ୍ରି ସମ୍ମୁଖରୁ ଟିୟୁସିଆଇର ରାଜ୍ୟ ଉପସଭାପତି ରାଜେନ୍ଦ୍ର ବାରିକଙ୍କ ନେତୃତ୍ୱରେ ଲିଙ୍ଗରାଜ ବିସ୍କୁଟ ୱାର୍କର୍ସ ୟୁନିଅନର ମହିଳା ଓ ପୁରୁଷ ଶ୍ରମିକ ସୁଶୋଭିତ ଶୋଭାଯାତ୍ରା କରି ଡିଏଲ୍ଏଫ, ଟିସିଏସ, ଇନଫୋସିସ, ଶୈଳଶ୍ରୀବିହାର ଦେଇ ପିକେଟିଂ କରି ଡମଣା ଛକଠାରେ ଜୟଦେବ ବିହାର ନନ୍ଦନକାନନ ମୁଖ୍ୟ ରାସ୍ତା ଅବରୋଧ କରି ଦୀର୍ଘ ବସିରହିଥିଲେ। ପରେ ପୋଲିସ ସେମାନଙ୍କୁ ଉଠାଇ ନେଇ ଅଟକ ରଖିଥିଲା। ସେହିପରି ଧର୍ମଘଟ ସମର୍ଥନରେ ଥିବା ବାମ ଦଳ ମଧ୍ୟରେ ସିପିଆଇ ଏମ–ଏଲ ରେଡଷ୍ଟାର ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ପ୍ରତିମା ନାୟକ, ମିନା ଭୋଇ, ପୂଜା ଦାସ ଓ ଘରୋଇ ମହିଳା ଶ୍ରମିକ ୟୁନିଅନର ଉପସଭାନେତ୍ରୀ ମିନତି ଭୋଇଙ୍କ ନେତୃତ୍ୱରେ ନୟାପଲ୍ଲୀସ୍ଥିତ କ୍ରାଉନ ହୋଟେଲ ସମ୍ମୁଖରେ ଜାତୀୟ ରାଜପଥକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅବରୋଧ କରିଥିଲା। ଶତାଧିକ ମହିଳା ଶ୍ରମିକ ଏଥିରେ ସାମିଲ ଥିଲେ। ଆଇଗିଣିଆଠାରେ ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନର ଖୋର୍ଦ୍ଧା ଜିଲା ସମ୍ପାଦକ ବିଚିତ୍ର ପାତ୍ରଙ୍କ ନେତୃତ୍ୱରେ ନିର୍ମାଣ ଶ୍ରମିକମାନଙ୍କୁ ନେଇ ବିକ୍ଷୋଭ ପ୍ରତିବାଦ କରିଥିଲେ। ଅପରାହ୍ନ ସମୟରେ ବନ୍ଦର ପ୍ରଭାବ ଆଉ ଦେଖିବାକୁ ମିଳି ନ ଥିଲା। ୨ଟା ସମୟରେ ରାଜଧାନୀର ସମସ୍ତ ପେଟ୍ରୋଲ ପମ୍ପ, ସହ ସମସ୍ତ ଦୋକାନ ବଜାର ଖୋଲିବା ଆରମ୍ଭ ହୋଇଯାଇଥିଲା। ବନ୍ଦ ନେଇ ମିଶ୍ରିତ ପ୍ରଭାବ ରହିଥିବା ବେଳେ ଧର୍ମଘଟର ସଫଳତା ପାଇଁ ରାଜ୍ୟବାସୀ ଓ ଶ୍ରମଜୀବୀ ଜନସାଧାରଣଙ୍କୁ ଶ୍ରମିକ ସଂଗଠନ ପକ୍ଷରୁ ଧନ୍ୟବାଦ ଦିଆଯାଇଛି। ମଙ୍ଗଳବାର ମଧ ଅନୁରୂପ ଭାବେ ଧର୍ମଘଟକୁ ସଂଗଠିତ କରିବା ପାଇଁ ଶ୍ରମିକ ସଂଗଠନ ପକ୍ଷରୁ ଆହ୍ୱାନ କରାଯାଇଛି।

■ବିଭିନ୍ନ ସ୍ଥାନରେ ରାସ୍ତାରୋକୋ, ହନ୍ତସନ୍ତ ହେଲେ ଯାତ୍ରୀ

■୨ଟା ପରେ ସ୍ୱାଭାବିକ ହେଲା ଦୋକାନ ବଜାର

## ମୋ ବସ୍‌କୁ ଅଟକାଇଲେ ଅଟୋ ଚାଳକ



ଧର୍ମଘଟ ସମୟରେ ପଟିଆ ଛକ ଏଚ.ପି ପେଟ୍ରୋଲ ପମ୍ପ ସମ୍ମୁଖରେ ଅଟୋ ଚାଳକମାନେ ମୋ ବସ୍‌କୁ ଅଟକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଧର୍ମଘଟ ସମୟରେ ସିଏନ୍‌ଜି ଅଭାବରୁ ଅଟୋ ଚଳାଚଳ କରିପାରୁ ନ ଥିବା ବେଳେ ମୋ ବସ୍ କାହିଁକି ଚଳାଚଳ କରୁଛି ବୋଲି ପ୍ରଶ୍ନ କରି ରୋକିଥିଲେ। ଏନେଇ ଅଟୋ ଚାଳକମାନେ ରାସ୍ତା ଉପରେ ଧାରଣା ଦେବା ସହ ଆମକୁ ମଧ ପମ୍ପ ଖୋଲାଯାଇ ସିଏନ୍‌ଜି ବ୍ୟବସ୍ଥା କରିବା ପାଇଁ ଦାବି କରି ବହୁ ସମୟ ଧାରଣାରେ ବସିଥିଲେ।

## ଚଢ଼ା ଦରରେ ପେଟ୍ରୋଲ ବିକ୍ରି

ଭାରତ ବନ୍ଦ ପାଇଁ ସୋମବାର ରାଜଧାନୀର ପେଟ୍ରୋଲ ପମ୍ପଗୁଡ଼ିକ ସକାଳୁ ବନ୍ଦ ରହିଥିଲା। ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ପେଟ୍ରୋଲ ଓ ଡିଜେଲ କଳାବଜାର କରିଥିଲେ। ସେମାନେ ସହରର ବିଭିନ୍ନ ଛକ ଯଥା ବାଣୀ ବିହାର, ଜୟଦେବ ବିହାର, ରସୁଲଗଡ, ଶହୀଦ ନଗର, ଚନ୍ଦ୍ରଶେଖରପୁର, ପଟିଆ, ନୟାପଲ୍ଲୀ, ବରମୁଣ୍ଡା ସମେତ ବିଭିନ୍ନ ଅଞ୍ଚଳ ଓ ପେଟ୍ରୋଲ ପମ୍ପ ସାମ୍ନାରେ ଅଧିକ ଦାମରେ ତେଲ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ପାନ, ଚା' ଦୋକନୀ ଓ କେତେଜଣ ଖୁଚୁରା ବ୍ୟବସାୟୀ ପେଟ୍ରୋଲ ବିକ୍ରିରେ ସାମିଲ ଥିଲେ। ପେଟ୍ରୋଲ ଲିଟରକୁ ୧୫୦ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରିଥିବାବେଳେ ଲୋକେ ମଧ ହଇରାଣରୁ ମୁକ୍ତି ପାଇଥିଲେ।





ନୟାପଲ୍ଲୀ କ୍ରାଉନ ଛକରେ ବିକ୍ଷୋଭ ବେଳେ ଜଣେ ମହିଳାଙ୍କୁ ପୋଲିସ ଉଠାଇ ନେଉଛି।

## ୧୫ ମିନିଟ୍ ଫସି ରହିଲା ଆମ୍ବୁଲାନ୍ସ



ସମସ୍ତ ଜରୁରୀକାଳିନ ସେବାକୁ ଧର୍ମଘଟରୁ ବାଦ୍ ଦିଆଯାଇଥିବାବେଳେ ସୋମବାର ରାସ୍ତାରେ ଗୋଟିଏ ଆମ୍ବୁଲାନ୍ସ ବହୁ ସମୟ ଧରି ଫସି ରହିଥିଲା। ଆନ୍ଦୋଳନକାରୀମାନେ ପିକେଟିଂ କରି ଜୟଦେବ ନିକଟ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ସେଠାରେ ଅନେକ ଗାଡି ଅଟକି ରହିବାରୁ ଟ୍ରାଫିକ ଜାମ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ଜଣେ ଗୁରୁତର ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସଟି ମଧ ଫସି ଯାଇଥିଲା। ଡ୍ରାଇଭର ସାଇରନ୍ ବଜାଇବା ସହ ଆଗକୁ ବଢ଼ିବାକୁ ଚେଷ୍ଟା କରିଥିଲେ ମଧ ଯାଇପାରି ନ ଥିଲେ। ସେମିତି ରାସ୍ତା ଉପରେ ପ୍ରାୟ ୧୫ ମିନିଟରୁ ଊର୍ଦ୍ଧ୍ୱ ସମୟ ଅଟକି ରହିଥିଲା। ପରେ ଅଟକି ରହିଥିବା ଗାଡିକୁ ସାଇଡ୍ କରି ରାସ୍ତା ଖାଲି କରାଯିବା ପର ଆମ୍ବୁଲାନ୍ସଟି ସେଠାରୁ ଯାଇଥିଲା।




ଇନକମ୍ ଟ୍ୟାକ୍ସ ଏମ୍ପ୍ଲୋଇଜ୍ ଫେଡେରେଶନ ପକ୍ଷରୁ ବନ୍ଦ ପାଳନ।




ବାମପନ୍ଥୀ ଦଳ ପକ୍ଷରୁ ପୁରୀରେ ବାହାରିଥିବା ଶୋଭାଯାତ୍ରା।




ବନ୍ଦ ପାଳନ ଅବସରରେ କଟକ ଖପୁରିଆ ଛକରୁ ବାହାରିଥିବା ରାଲି।



ଭୁବନେଶ୍ୱରରେ ଗାଡି ମୋଟର ବନ୍ଦ ଯୋଗୁ ଲୋକମାନେ ପିଲାଙ୍କୁ ଧରି ଚାଲି ଚାଲି ଯାଉଛନ୍ତି।



ଭାରତ ବନ୍ଦ ପାଳନ ପରିପ୍ରେକ୍ଷୀରେ ସୋମବାର ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଛକରେ ନିଖିଳ ଓଡ଼ିଶା ଆଶକର୍ମୀ ସଂଘ ଓ ସିପିଆଇ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି।

